

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୫ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 October 2025

Vol.No. 36 ■ No.280 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ପୁଟିନଙ୍କୁ ଟ୍ରମ୍ପଙ୍କ ଚେତାବନୀ: ୬ ମାସରେ ବୁଦ୍ଧି ଶିଖାଇଦେବି



ନୂଆଦିଲ୍ଲୀ,୨୪/୧୦ : ୟୁକ୍ରେନ ଯୁଦ୍ଧ ଆମେରିକା ଓ ଋଷ ଭିତରେ ଝଗଡ଼ା ବଢ଼ାଇବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସଙ୍ଗରେ ଏବେ ସିଧାସଳଖ ପୁଟିନଙ୍କୁ ଟାର୍ଗେଟ୍ କରିଛନ୍ତି । ଟ୍ରମ୍ପ୍ ସରକାର ଋଷର ଦୁଇଟି ବଡ଼ ତୈଳ କମ୍ପାନି ଉପରେ ପ୍ରତିବନ୍ଧକ ଲଗାଇଛି । ଆମେରିକାର ଏଭଳି ପଦକ୍ଷେପକୁ ନେଇ ପୁଟିନ ବି ପ୍ରତିକ୍ରିୟା ରଖିଛନ୍ତି । ପୁଟିନଙ୍କ ପ୍ରତିକ୍ରିୟା ପରେ ଏବେ ଟ୍ରମ୍ପ୍ ସିଧାସଳଖ ଋଷକୁ ଧମକ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ୬ ମାସ ପରେ ଋଷ ଜାଣି ପୁଟିନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ କିଭଳି ନିଜ ଦେଶ ଉପରେ ପ୍ରଭାବ ପକାଉଛି । ଏହା ଟ୍ରମ୍ପ ଦ୍ୱାରା ଋଷକୁ ଦିଆଯାଇଥିବା ସିଧାସଳଖ ଧମକ । କହିରଖୁ କି, ଋଷର ବଡ଼ ବଡ଼ ତୈଳ କମ୍ପାନି ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବା ପରେ ଏହା ଭାରତର ତୈଳ ଆମଦାନୀ ଉପରେ ପ୍ରଭାବ ପକାଇପାରେ । ଆମେରିକା ରାଷ୍ଟ୍ରପତି ଋଷ ଉପରେ ଶକ୍ତି ପ୍ରତିବନ୍ଧକ ଲଗାଇବା ପରେ ବଡ଼ ବୟାନ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଏହି ପ୍ରତିବନ୍ଧକର ବାସ୍ତବ ପ୍ରଭାବ ଆସନ୍ତା ୬ ମାସ ମଧ୍ୟରେ ଦେଖିବାକୁ ମିଳିବ । ପୁଟିନଙ୍କ ପ୍ରତିକ୍ରିୟା ପରେ ୨୩ ତାରିଖରେ ହ୍ୱାଇଟ ହାଉସରୁ ଟ୍ରମ୍ପ କହିଛନ୍ତି କି, ଯଦି ଟ୍ରମ୍ପ ଭାବୁଛନ୍ତି ଏହି ପ୍ରତିବନ୍ଧକ ପରେ ଋଷ ଅର୍ଥ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବ ନାହିଁ, ତ ଠିକ୍ ଅଛି, କ'ଣ ପ୍ରଭାବ ପଡିବ ତାହା ୬ ମାସ ପରେ ମୁଁ ଜଣାଇଦେବି । ଋଷର ଦୁଇଟି ତୈଳ କମ୍ପାନି ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବା ପଛରେ ୟୁକ୍ରେନ ଯୁଦ୍ଧ ନେଇ ଋଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟ ବୋଲି କୁହାଯାଉଛି । ପ୍ରତିବନ୍ଧକ ପରେ ଅନ୍ତର୍ରାଷ୍ଟ୍ରୀୟ ବଜାରରେ ଅଶୋଦ୍ଧିତ ତୈଳର ମୂଲ୍ୟ ୫ ପ୍ରତିଶତ ବୃଦ୍ଧି ପାଇଛି । ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଏହା ପ୍ରଥମ ଯେତେବେଳେ ୱାସିଂଟନରୁ ୟୁକ୍ରେନ ଯୁଦ୍ଧକୁ ନେଇ ଋଷ ଉପରେ ସିଧା ଆର୍ଥିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହାପୂର୍ବରୁ ଟ୍ରମ୍ପ କୂଟନୈତିକ ଆଲୋଚନା ମାଧ୍ୟମରେ ଋଷ ଓ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚେଷ୍ଟା କରିଥିଲେ । ଋଷର ଦୁଇଟି ବଡ଼ ତୈଳ କମ୍ପାନି ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବା ପରେ ଏହାର ପ୍ରଭାବ ଭାରତ ଉପରେ ପଡ଼ିପାରେ । ଭାରତ ଏବେ ଋଷର ଭାରୀମାତ୍ରାରେ ଅଶୋଦ୍ଧିତ ତୈଳ ଆମଦାନୀ କରୁଛି । ଟ୍ରମ୍ପ ବି ଅନେକ ଥର ଭାରତକୁ ଋଷ ଠାରୁ ତୈଳ ନକିଣିବାକୁ ଧମକ ଦେଇଛି । ଏହାସହ କିଛିଦିନ ଭିତରେ ଭାରତ ଋଷ ଠାରୁ ଆଉ ତୈଳ କିଣିବ ନାହିଁ ବୋଲି କହିଛନ୍ତି । ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କଥା ଦାବି କରିଛନ୍ତି ।

## ପ୍ରଥିତଯଶା କବି, ଔପନ୍ୟାସିକ ଓ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକ



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ପ୍ରଥିତଯଶା ଓଡ଼ିଆ କବି, ଔପନ୍ୟାସିକ ଓ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି। ଆଜି ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ୧୯୪୪ ଜୁନ୍ ୨୪ ତାରିଖରେ ଝାରସୁଗୁଡ଼ା ଜିଲ୍ଲାର ବତଲଗା ଗାଁରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ। ୧୯୪୭ରେ ଶ୍ରୀ ପଣ୍ଡାଙ୍କର ପ୍ରଥମ କବିତା ସଂଗ୍ରହ 'ଗୌଣ ଦେବତା' ପ୍ରକାଶିତ ହୋଇଥିଲା। ତାଙ୍କର ଷୋହଳଟି କବିତା ସଂକଳନ ପ୍ରକାଶ ପାଇଛି। ସେ ଦୁଇଟି ଉପନ୍ୟାସର ବି ରଚୟିତା। ରାଜେନ୍ଦ୍ର କିଶୋର ପଣ୍ଡା ୧୯୬୭ରୁ ୨୦୦୪ ଯାଏ ପ୍ରଶାସନିକ ସେବାରେ ବିଭିନ୍ନ ପଦପଦବୀରେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜେନ୍ଦ୍ର କିଶୋର ପଣ୍ଡା ଆଧୁନିକ ଓଡ଼ିଆ ସାହିତ୍ୟରେ ସମ୍ମାନନୀୟ ବ୍ୟକ୍ତିତ୍ୱ, ଯାହା ଓଡ଼ିଶାର ଗ୍ରାମ୍ୟ ମୂଳ ଏବଂ ସରକାରୀ ସେବାର ଅନୁଭୂତିରୁ ପ୍ରେରିତ ସ୍ୱର୍ଶକାତର ଏବଂ ଆତ୍ମଚିନ୍ତନମୂଳକ ଶୈଳୀ ପାଇଁ ଜଣାଶୁଣା। ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି।

## ରାସନ କାର୍ଡଧାରୀଙ୍କୁ ଅଧିକ ୫ କେଜି ଚାଉଳ: ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସ ପାଇଁ ମିଳିବ



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଆଉ ତିନିମାସ ହିତାଧିକାରୀଙ୍କୁ ମିଳିବ ଅତିରିକ୍ତ ୫ କେଜି ଚାଉଳ । ଘୋଷଣା କଲେ ଖାଦ୍ୟ, ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ । ଅତିରିକ୍ତ ଚାଉଳ ବଣ୍ଟନ ଶେଷ କରିବାକୁ ୧୯ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୧୯ ଜିଲ୍ଲାରେ ମୋଟ ୨ କୋଟି ୪୦ଲକ୍ଷ ହିତାଧିକାରୀ ଉପକୃତ ହେବେ । ଅନୁଗୁଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ପ୍ରମୁଖ ଜିଲ୍ଲାରେ ପରିବାର ପିଛା ଏହି ଅତିରିକ୍ତ ୫ କେଜି ଚାଉଳ ମିଳିବ। ଏହି ଅତିରିକ୍ତ ଚାଉଳ ପୂର୍ବ ଭଳି ଆଧାର ସଂଯୁକ୍ତ ହିତାଧିକାରୀଙ୍କୁ ହିଁ ମିଳିବ । ଏହି ଯୋଜନା ଦ୍ୱାରା ୧୯ ଟି ଜିଲ୍ଲାର ୭୦.୪୭ ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ । ନଭେମ୍ବର ୧୦ ତାରିଖ ସୁଦ୍ଧା ବଣ୍ଟନ ସାରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ମିଳିବ ଏହି ଲାଭ ।

## ସରିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ସୀମା : ନୂଆପଡ଼ା ମଇଦାନରେ ଲଢ଼ିବେ ୧୪ ନେତା



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ମିଶନ ନୂଆପଡ଼ା । ଉପନିର୍ବାଚନରେ ବାଜିମାତ୍ ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି ତିନି ରାଜନୈତିକ ଦଳ । ତୃଣମୂଳସ୍ତରରେ ଅର୍ଥାତ୍ ମାଇକ୍ରୋ ମ୍ୟାନେଜମେଣ୍ଟରେ ବ୍ୟସ୍ତ ଶୀର୍ଷ ନେତା । ଆରମ୍ଭ ହୋଇଛି ଜାତିକାର୍ଡ ଖେଳ । କେଉଁ ବର୍ଗଙ୍କୁ କେମିତି ତୁଷ୍ଟୀକରଣ କରିବେ, ସେ ନେଇ ଚାଲିଛି ଯୋଜନା । ନୂଆପଡ଼ା ବାଜି ଜିତିବା ପାଇଁ ସବୁ କଳବଳ କୌଶଳ ପ୍ରୟୋଗ କରୁଛନ୍ତି ତିନି ରାଜନୈତିକ ଦଳ। ମହିଳା, ଚାଷୀ, ଦାଦନ ଭୋଟ ବ୍ୟାଙ୍କ ହାତେଇବା ପାଇଁ ମଇଦାନରେ ସ୍ୱତନ୍ତ୍ର ରଣନୀତି ଅନୁସାରେ କାମ କରୁଛନ୍ତି ଗୋଟିଏ ଗୋଷ୍ଠୀ । ହେଲେ ଶୀର୍ଷ ନେତୃତ୍ୱର ନଜର ଅନ୍ୟଠି । ଜାତି ଭିତ୍ତିକ ଭୋଟ ହାତେଇବା ପାଇଁ ଆରମ୍ଭ କରିଛନ୍ତି ଗୋଟିଚାଳନା ।

▶▶ପୃଷ୍ଠା ୭

## ୨୦୨୬ ମେ ସୁଦ୍ଧା ସରିବ 'କଳାମଣ୍ଡଳ'ର ନିର୍ମାଣ କାର୍ଯ୍ୟ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହିତ କେନ୍ଦୁଝର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ସର୍ବବୃହତ ଏହି ପ୍ରେକ୍ଷାଳୟ ଇଡ୍ ?କୋ ପକ୍ଷରୁ ନିର୍ମାଣ କରାଯାଉଛି। ୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହିତ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ୍ ଏୟାର ଥିଏଟର ମଧ୍ୟ ଏହି ପରିସର ମଧ୍ୟରେ ରହିବ। ମୁଖ୍ୟମନ୍ତ୍ରୀ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ୨୦୨୬ ମେ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜନ କରିବା ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ସେହିଭଳି, କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦୁଝରର ରାଙ୍କୀ ଓ ରାଇକଳା ଠାରେ ଦୁଇଟି ଅତ୍ୟାଧୁନିକ

▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ବଳ ଗୋଟାଉଛି ଲଘୁଚାପ କ୍ଷେତ୍ର: ୨୭ ତାରିଖ ସକାଳେ ବାତ୍ୟାର ରୂପ ନେଇପାରେ



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଆସୁଛି ବାତ୍ୟା । ଆସନ୍ତା ୨୭ ତାରିଖ ସକାଳେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବ । ଏହି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ କେନ୍ଦ୍ର । ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ବାତ୍ୟାର ରୂପ ନେବା ସମ୍ଭାବନା ରହିଛି । ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଏବେ କେନ୍ଦ୍ରୀଭୂତ ହୋଇ ବଳ ଗୋଟାଉଛି ଲଘୁଚାପ କ୍ଷେତ୍ର । ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ସୁଦ୍ଧା ଏହା ଅବପାତର ରୂପ ନେବ । ୨୬ ସୁଦ୍ଧା ଆହୁରି ବଳ ଗୋଟାଇ ଗଭୀର ଅବପାତର ରୂପ ନେବା ସମ୍ଭାବନା ରହିଛି । ୨୭ ତାରିଖ ସକାଳେ ବାତ୍ୟାର ରୂପ ନେବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା କହିଛନ୍ତି ଆନ୍ଧ୍ର ଉପରେ ଏହାର ଅଧିକ ପ୍ରଭାବ ରହିବ । ଓଡ଼ିଶାରେ ୨୭ରୁ ୨୯ ତାରିଖ ଯାଏଁ ପ୍ରବଳ ବର୍ଷା। ନେଇ ଆକଳନ କରାଯାଇଛି। ପ୍ରାୟ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ । ୨୭ରେ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧାରେ ବର୍ଷା ହେବ । ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ବି ବର୍ଷା ହେବ । ସେହିପରି ୨୮ରେ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମରେ ପ୍ରବଳ ବର୍ଷା ହେବ। ୨୯ରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକରେ ପ୍ରବଳ ବର୍ଷିବ । ତେବେ ଆସନ୍ତା ୩୦ ତାରିଖରୁ ପାଗରେ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଆସନ୍ତା ୨୬ରୁ ୨୯ ତାରିଖ ଯାଏଁ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି ।

## ବିହାରରେ ଲଣ୍ଠନ ଲିଭିଛି, ଲାଇଟ୍ ଜଳୁଛି : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୪/୧୦ : ବିହାରର ସମସ୍ତିପୁରରେ ଏକ ଜନସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ନୀତୀଶଙ୍କ ନେତୃତ୍ୱରେ ବିହାର ଜଙ୍ଗଲରାଜରୁ ସୁଶାସନ ଆଡ଼କୁ ଆସିଛି । ରାଜ୍ୟରେ ଲଣ୍ଠନର ଯୁଗ ଶେଷ ହୋଇଛି, ଏବଂ ସୁଶାସନର ଯୁଗ ଆରମ୍ଭ ହୋଇଛି। ସମସ୍ତିପୁରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ନୀତୀଶ କୁମାରଙ୍କ ନେତୃତ୍ୱରେ ବିହାର ଜଙ୍ଗଲ ରାଜରୁ ମୁକ୍ତ ହୋଇଛି। ଲଣ୍ଠନର ଯୁଗ ଶେଷ ହୋଇଛି, ଏବଂ ସୁଶାସନର ଯୁଗ ଆରମ୍ଭ ହୋଇଛି।' ସେ ଜନସାଧାରଣଙ୍କୁ ସେମାନଙ୍କ ପଚାରିଥିଲେ, ସେମାନେ ଲଣ୍ଠନର ଯୁଗ ଚାହାଁନ୍ତି ନା ଆଲୋକର ଯୁଗ। ଜନତା ମୋବାଇଲ ଫୋନ୍ ଟର୍ଚ୍ଚଲାଇଟ୍ ଜାଳି ଉତ୍ତର ଦେଇଥିଲେ, 'ଆଲୋକର ଯୁଗ,' । ସେ କହିଥିଲେ ଯେ ନୀତୀଶ କୁମାର ବିହାରକୁ ଜଙ୍ଗଲରାଜରୁ ସୁଶାସନ ଆଡ଼କୁ ଆଣିଥିଲେ। ଏବେ ବିହାରକୁ ସୁଶାସନରୁ ବିକାଶ ଆଡ଼କୁ ଆଣିବାକୁ ହେବ । ମହାଗଠବନ୍ଧନ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ଘୋଷଣା କରିବା ପରଠାରୁ, ଏନଡିଏ ଏହାର ମୁଖ୍ୟମନ୍ତ୍ରୀ ଚେହେରା ବିଷୟରେ ଲଗାତାର ପ୍ରଶ୍ନବାଣର ସମ୍ମୁଖୀନ ହୋଇଛି। ଏନଡିଏ ନିରନ୍ତର ନୀତିଶ କୁମାରଙ୍କ ନେତୃତ୍ୱରେ ବିହାର ନିର୍ବାଚନ ଲଢ଼ିବା ପାଇଁ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ତଥାପି, ବିରୋଧୀ ଏହାକୁ ଅସ୍ପଷ୍ଟ ବୋଲି ଖାରଜ କରି ପ୍ରଶ୍ନ ଉଠାଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କ ଅଭିଭାଷଣରେ ଏହାର ସ୍ପଷ୍ଟ ସୂଚନା ଦେଇଛନ୍ତି। ସମସ୍ତିପୁର ଏବଂ ବେଗୁସରାଇରେ ପ୍ରଧାନମନ୍ତ୍ରୀ ମୋଦୀ 'ଜଙ୍ଗଲ ରାଜ ବନାମ ସୁଶାସନ' ପ୍ରସଙ୍ଗରେ କେନ୍ଦ୍ର କରି ବିରୋଧୀଙ୍କ ଉପରେ ସିଧାସଳଖ ଆକ୍ରମଣ କରିଥିଲେ, ଏବଂ ଏନଡିଏର ପ୍ରଚାରକୁ ଜୋରଦାର ଆରମ୍ଭ କରିଥିଲେ। ସେ ବିହାରରେ ଏନଡିଏର ଚେହେରା କିଏ ହେବ ତାହା ମଧ୍ୟ ପରୋକ୍ଷରେ ଭାବରେ ସ୍ପଷ୍ଟ କରିଥିଲେ। ସେ ସ୍ପଷ୍ଟ ଭାବରେ ସଙ୍କେତ ଦେଇଥିଲେ ଯେ ଏନଡିଏର ନିର୍ବାଚନ ଏଜେଣ୍ଡା ସୁଶାସନ ଏବଂ ବିକାଶ ହେବ। ସେ ସୁଶାସନ ପାଇଁ ନୀତୀଶଙ୍କୁ ଶ୍ରେୟ ଦେଇଥିଲେ ।

## ଚାପରେ ପଡ଼ି ବାଣିଜ୍ୟ ଚୁକ୍ତି କରିବନି ଭାରତ : ଗୋୟଲ




ନୂଆଦିଲ୍ଲୀ,୨୪/୧୦ : ଆମେରିକା ସହ ବାଣିଜ୍ୟ ଚୁକ୍ତି ସଂପର୍କରେ ଏକ ବଡ଼ ବୟାନ ଦେଇଛନ୍ତି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ । ସେ କହିଛନ୍ତି ଯେ ଭାରତ କୌଣସି ବାହ୍ୟ ଚାପରେ ବାଣିଜ୍ୟ ଚୁକ୍ତି କରେ ନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ୟୁରୋପୀୟ ସଂଘ ଏବଂ ଆମେରିକା ସମେତ ବିଭିନ୍ନ ଦେଶ ଏବଂ ଗୋଷ୍ଠୀ ସହିତ ସକ୍ରିୟ ଭାବରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା କରୁଛି। କେନ୍ଦ୍ରମନ୍ତ୍ରୀ ଗୋୟଲ ଜର୍ମାନୀରେ ବର୍ଲିନରେ ଅନୁଷ୍ଠିତ ଏକ

▶▶ପୃଷ୍ଠା ୭

## ଦିଲ୍ଲୀରେ ଆତଙ୍କବାଦୀଙ୍କ ବିସ୍ଫୋରଣ ଯୋଜନା ପଣ୍ଡ: ଆଇଏସ୍ଆଇଏସ୍‌ର ୨ ଆତଙ୍କୀ ଗିରଫ

ନୂଆଦିଲ୍ଲୀ,୨୪/୧୦ : ଦିଲ୍ଲୀରେ ବଡ଼ ବିସ୍ଫୋରଣ ଯୋଜନା ପଣ୍ଡ । ଦୁଇ ଜଣ ଆତଙ୍କବାଦୀଙ୍କୁ ଗିରଫ କଲା ପୋଲିସ । ଦିଲ୍ଲୀର ଜଣେ ଓ ମଧ୍ୟପ୍ରଦେଶର ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଆଇଇଡି ବିସ୍ଫୋରଣ ପାଇଁ ଏହି ଦୁଇ ଆତଙ୍କବାଦୀ ଯୋଜନା କରୁଥିଲେ । ଦିଲ୍ଲୀର ଜନଗହଳିପୂର୍ଣ୍ଣ ଅଞ୍ଚଳ ଏମାନଙ୍କ ଟାର୍ଗେଟ୍‌ରେ ଥିଲା । ଗୁଇନ୍ଦା ଓ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ଟିମ୍‌ର ମିଳିତ ସହଯୋଗରେ ଦୁଇ ଜଣ ଆତଙ୍କବାଦୀ ଗିରଫ ହୋଇଛନ୍ତି । ଏମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର ଓ ଗୁଳି ଜବତ କରାଯାଇଛି ।

# ସେଲ୍, ଆରଏସପିର ରୋଲ୍ ସପ୍ ବିଭାଗରେ ଜରୁରୀକାଳୀନ ପ୍ରସ୍ତୁତି ନିମନ୍ତେ ସୁରକ୍ଷା ଅଭ୍ୟାସ ଆୟୋଜିତ

ରାଉରକେଲା, ୨୪/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ରୋଲ୍ ସପ୍-୧ ବିଭାଗରେ ଅକ୍ଟୋବର ୨୩ ତାରିଖରେ ଅଗ୍ନି ନିରାପତ୍ତା ଉପରେ ଏକ ସୁରକ୍ଷା ଅଭ୍ୟାସ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।



ଏହି ଅଭ୍ୟାସଟିକୁ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଆଶା ଏସ୍ କାର୍ଥା ରୋଲ୍ ସପ୍ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ସମୀର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଅଗ୍ନିଶମ ସେବା ଦଳ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ତଥା ରୋଲ ସପ ସାମୁଦାୟିକ ଏହି ସୁରକ୍ଷା ଅଭ୍ୟାସ ପାଇଁ ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ ଯୋଗାଇ ଯୋଗାଇ ଦେଇଥିଲେ । ଏହି ସୁରକ୍ଷା ଅଭ୍ୟାସଟି ଆରଏସପି ରେ ଚାଲୁଥିବା ବୈଧାନିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରୋଟୋକଲ୍‌ର ଏକ ଅଂଶ ଥିଲା ଯାହାର ଲକ୍ଷ୍ୟ ଅନସାଇଟ୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଦକ୍ଷତା ଏବଂ ପ୍ରସ୍ତୁତି ପରୀକ୍ଷା କରିବା ପାଇଁ ରହିଛି । ସୁରକ୍ଷା ଅଭ୍ୟାସର ଦୃଶ୍ୟପଟ୍ଟ ରୋଲ୍ ସପ୍-୧ ବିଭାଗର ଆଣ୍ଟି-ଫ୍ରିକ୍ସନ୍ ବିୟରିଂ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାର ଏକ ଦୃଶ୍ୟ ପ୍ରସ୍ତୁତି କରାଯାଇଥିଲା , ଯେଉଁଥିରେ ଜଣେ ଆଘାତପ୍ରାପ୍ତଙ୍କ ଉଦ୍ଧାର ସାମିଲ ଥିଲା । ଏହି ଘଟଣା ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ (ଇଏମଡ଼ି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା ।

ଏହିସୁରକ୍ଷା ଅଭ୍ୟାସରେ ତିନୋଟି ଉତ୍ସର୍ଗୀକୃତ ଦଳ ଯଥା - ଉଦ୍ଧାର, ଆନୁଷଙ୍ଗିକ ଓ ସାମରିକ ଭଳି ବିଭିନ୍ନ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ଗଠିତ, ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରୋଲ୍ ସପ୍ ବିଭାଗର ଡ଼ିଜିଏମ ଏବଂ ଡ଼ିଏସଓ ଶ୍ରୀ ଏ କେ ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଡ଼ିଜିଏମ ଶ୍ରୀ ଏମ୍ ଆଇ ସୋଙ୍କୁସାରେ, ରୋଲ୍ ସପ୍ ବିଭାଗର ଏଜିଏମ୍ ଶ୍ରୀ ଏସ୍ କେ ମିଶ୍ର, ଡେପୁଟି ମ୍ୟାନେଜର ଏବଂ ଏରିଆ ଇନଚାର୍ଜ ଶ୍ରୀ ଜୟନ୍ତ କୁମାର ରାଉତରାୟ ଏବଂ ଏସଇଡ଼ି ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏନ ସେଠୀ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅଭ୍ୟାସରେ ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର୍ଯ୍ୟପଦ୍ଧତି ପ୍ରକ୍ରିୟା (ଏସଓପି) ପାଳନ ଭଳି ପ୍ରମୁଖ ସୋପାନଗୁଡ଼ିକୁ ସମାଲୋଚନାମୂଳକ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା ।

ଶିଳ୍ପ ଜରୁରୀକାଳୀନ ପରିସ୍ଥିତିର ମୁକାବିଲାରେ ଉଚ୍ଚ ସତର୍କତା ଏବଂ ଦ୍ରୁତ ପ୍ରତିକ୍ରିୟାଶୀଳତାକୁ ସୁନିଶ୍ଚିତ କରିବା ପାଇଁ ଆରଏସପିର ରଣନୈତିକ କାର୍ଯ୍ୟକ୍ଷମ ୟୁନିଟ୍ ଗୁଡ଼ିକରେ ଏପରି ସୁରକ୍ଷା ଅଭ୍ୟାସ ଗୁଡିକ ନିୟମିତ ଭାବରେ କରାଯାଉଛି । ଏହି ଅଭ୍ୟାସଟି ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ଡିବ୍ରିଫିଂ ଏବଂ ମୂଲ୍ୟାଙ୍କନ ଅଧିବେଶନ ସହିତ ଶେଷ ହୋଇଥିଲା ।

# ସର୍ପାଘାତରେ ଯୁବକ ମୃତ୍ୟୁ: ଡାକ୍ତର ମୃତ ଘୋଷଣା ପରେ ବି ଡାକ୍ତରଖାନାରେ ଗୁଣିଆଡାକି ଝଡାଫୁଙ୍କା

ବେତନଟୀ ୨୪/୯ ( ନି.ପ୍ର) : ବେତନଟୀ ଉପକଣ୍ଠ ସଠିଲୋ ପଞ୍ଚାୟତ ଅଧୀନ ଗରୁଡବସା ଗ୍ରାମରେ ଜନୈକ ଯୁବକ ଶୁକ୍ରବାର ରାତି ସର୍ପାଘାତରେ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ଗରୁଡବସା ଗ୍ରାମର ସ୍ୱର୍ଗତ ଦାକ୍ଷୀନ ମୁର୍ମୁଙ୍କ ପୁଅ ଚନ୍ଦ୍ର ଓରଫ ମାନକା ମୁର୍ମୁ (୨୬)। ସୂଚନା ମୁତାବକ ମାନକା ଶୁକ୍ରବାର କାମରୁ ଫେରି ବେତନଟୀ ସାପ୍ତାହିକ ହାଟକୁ ଯାଇଥିବା ବେଳେ ସେଠାରୁ ପନିପରିବା ଓ ସଉଦାପତ୍ର ଧରି ଘରକୁ ଫେରିଥିଲା । ଘରେ ସଉଦାପତ୍ର ରଖି ମାନକା ଗାଁ ଦୋକାନକୁ ରାତି ଆଠଟା ପାଖାପାଖିରେ କିଛି କିଣାକିଣି କରିବାକୁ ଯାଇଥିବା ବେଳେ



ଅନ୍ଧାରରେ ବିଷଧର ସାପ ଡାହାଣଗୋଡ଼ରେ ଦଂଶନ କରିଥିଲା । ଏହାପରେ ମାନକା ଘରକୁ ଦୌଡ଼ିଯାଇ ତାଙ୍କୁ ସାପ କାମୁଡ଼ିଛି ଗୋଡ଼ରେ ବାନ୍ଧିବା ପାଇଁ ଗାମୁଛା ମାଗିବାପରେ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ଆମ୍ବୁଲାନ୍ସ ନଥିବାରୁ ଅଟୋଯୋଗେ ଗୁରୁତର ମାନକାଙ୍କୁ ବେତନଟୀ ଡାକ୍ତରଖାନା ନେବାରେ ବିଳମ୍ବ ହେବାରୁ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କର ମୃତ୍ୟୁକୁ ପରିବାରବର୍ଗ ସହଜରେ ଗ୍ରହଣ କରିପାରି ନଥିବା ବେଳେ ଡାକ୍ତରଖାନାକୁ ଗୁଣିଆଡାକି ଝଡାଫୁଙ୍କା କରାଇଥିଲେ । ଏହା ପରେ ମାନକା ବଞ୍ଚିଛି ବୋଲି ଜିଦ ଧରି ସେମାନେ ଅଟୋଯୋଗେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ନେଇଯାଇଛନ୍ତି । ଏହା ପରେ ତାଙ୍କୁ ଡାକ୍ତରଖାନା ନେବା ଅଧା ରାସ୍ତାରୁ ଘରକୁ ଫେରାଇ ଆଣିଛନ୍ତି ଏବଂ ରାତି ତମାମ ଝଡାଫୁଙ୍କା କରାଯିବ ବଲି ସୂଚନା ମିଳିଛି । ତେବେ ଡାକ୍ତରଖାନାରେ ସର୍ପାଘାତର ଶୀକାର ମାନକାଙ୍କୁ ଡାକ୍ତରଖାନାରେ ଦୀର୍ଘ ସମୟଧରି ଗୁଣିଆ ମୟୁରପଞ୍ଜୁ ଧରି ଝଡାଫୁଙ୍କା କରୁଥିବାର ଦୃଶ୍ୟ ଦେଖିବାକୁ ଲୋକଙ୍କୁ ଗହଳି ଲାଗିଥିଲା ।

# ପାଣିକୋଇଲି ଟ୍ରାଫିକ ସମସ୍ୟାକୁ ନେଇ ବିଧାୟକ, ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

କୋରେଇ, ୨୪/୧୦ (ନି.ପ୍ର): ଯାଜପୁର ଜିଲ୍ଲାର ଗମନାଗମନର ମୁଖ୍ୟ ପେଣ୍ଠସ୍ଥଳୀ ପାଣିକୋଇଲି ବଜାରର ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ରୂପ ଧାରଣ କରିବାରେ ଲାଗିଛି । ଜାତୀୟ ରାଜପଥ ନମ୍ବର ୧୬ ଓ ୨୦ର ମିଶ୍ରଣସ୍ଥଳୀ ହୋଇଥିବାରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ଜିଲ୍ଲା ତଥା ରାଜ୍ୟ ବାହାରକୁ ଯିବା ଆସିବା କରିଥାନ୍ତି । ଏତଦ ବ୍ୟତୀତ ଜିଲ୍ଲାର ଶିଳ୍ପ ହବ କଳିଙ୍ଗ ନଗରରୁ ଦୈନନ୍ଦିନ ଶହ ଶହ ଟ୍ରଲର ସମେତ କେନ୍ଦୁଝର ଜିଲ୍ଲାରୁ ଖଣିଜ ପଦାର୍ଥ ମଧ ପାଣିକୋଇଲି ମଧ ଦେଇ ଚାଲାଣ ହୋଇଥାଏ । ଫଳରେ ପ୍ରତିଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ଘଟିଥାଏ । ଟ୍ରାଫିକ ଥାନାର ଅଭାବ ସହିତ ହାତଗଣତି କିଛି ଗୃହରକ୍ଷୀ ଟ୍ରାଫିକ ନିୟନ୍ତ୍ରଣର ଦାୟିତ୍ୱ ତୁଲାଇଥାନ୍ତି । ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧମରେ ଖବର ପ୍ରସାରିତ ହେବା ପରେ ଗୁରୁବାର ଅପରାହ୍ଣରେ ଯାଜପୁର ଜିଲ୍ଲା ପ୍ରଶାସନର ଏକ ଟିମ୍, ସ୍ଥାନୀୟ ଜନ ପ୍ରତିନିଧି, ରାଜପଥ ଅଧିକାରୀ, ପରିବହନ ଅଧିକାରୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର, କୋରାଇ ବିଧାୟକ ଆକାଶ ଦାସ ନାୟକ, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ବ୍ୟାସନଗର ତହସିଲଦାର ଦେବାଶୀଷ ରାଉତ, କୋରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ, ଯାଜପୁର ଆଂଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ଜୁନିୟର ଏମଭିଆଇ ପ୍ରଦୀପ୍ତ ବେହେରା, ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, ରାଜପଥ ବିଭାଗର ଡ଼େପୁଟି ମ୍ୟାନେଜର ଅବିନାଶ କୁମାର, ବିଶ୍ୱଜିତ ମହାନ୍ତି, ଟାଟା ଷ୍ଟିଲ ଫାଉଣ୍ଡେସନର ଦବଂଜନ ମୁଖାର୍ଜୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏସଇ କମଲ କୁମାର ସ୍ୱାଇଁ, ଦିଲ୍ଲିପ ନାୟକଙ୍କ ସମେତ ପ୍ରୀତି ରଂଜନ ସାହୁ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, ନାଏବ ସରପଂଚ ଦେବେନ୍ଦ୍ର ସ୍ୱାଇଁ, କଳ୍ପତରୁ ମହାପାତ୍ର, ଶେଖ ଜହର ଅଲ୍ଲୀ, ସୂର୍ଯ୍ୟମଣି ପଣ୍ଡାଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ବହୁତ ଶୀଘ୍ର ରାଜପଥ ବିଭାଗ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ କର ଜଣାଇଛନ୍ତି ।

# ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୪/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ଲଷ୍ଟର ଅଧିନସ୍ଥ ଫକୀରାବାଦ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକବିଦ୍ୟାଳୟରେ ପୁରାତନ ସିଆର୍‌ସିସି ବିଭୁପ୍ରସାଦ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିସହିତ ନୂତନ ସିଆର୍‌ସିସି ମହମ୍ମଦ ଫୟାଜ୍‌ଉଦ୍ଦିନ୍‌କୁ ସ୍ୱାଗତ କରାଯାଇଛି । ଏହି ଅବସରରେବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍‌ସୁର୍ ଅଲ୍ଲୀଙ୍କ ପୌରହିତ୍ୟରେ ଆୟୋଜିତ ଏକ ସଭାରେମୁଖ୍ୟ ଅତିଥି ଭାବରେକେନ୍ଦ୍ରାପଡାବ୍ଲକସିଆର୍‌ସିସି ବଳଦେବ ପ୍ରସାଦ ଜେନା ଅତିଥି ଭାବେ ଯୋଗ ଦେଇଥିବାବେଳେ ସହକାରୀ ଶିକ୍ଷକ ଗାଙ୍ଗେୟ ବିଶ୍ୱାଳ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ସମିନା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ବାମୁଣିଆଗୁଡା ଗ୍ରାମବାସୀ ପଦଯାତ୍ରାରେ ଆସି ପ୍ରଶାସନର ଦ୍ୱାରସ୍ଥ ହେଲେ

ଜୟପୁର, ୨୪/୧୦ (ନି.ପ୍ର): କୋଟପାଡ ଥାନା ଅନ୍ତର୍ଗତ ବାମୁଣିଆଗୁଡା ଗ୍ରାମବାସୀ ଆଜି ପଦଯାତ୍ରାରେ ଆସି ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ସମାଜସେବି ବି. ହରି ରାଓଙ୍କ ନେତୃତ୍ୱରେ ମହିଳା ଓ ଗ୍ରାମବାସୀ ମାନେ ଆମ୍ବାଗୁଡାରୁ ୧୨ କି.ମି. ପଦଯାତ୍ରାରେ ଆସି ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମିତା ଗାତିଆଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବୋଇରାଗିପଦର ମୌଜାରେ ଥିବା ସରକାରୀ ଗୋଚର ଜମି, ଜଙ୍ଗଲ ଜମି ଓ ଗ୍ରାମଦେବୀଙ୍କ ନାମରେ ଥିବା ଜମିକୁ ସେହି ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ବିଶେଷ ବେଆଇନ ଭାବରେ ଦଖଲ କରି ଗ୍ରାମପଂଚାୟତ ଦ୍ୱାରା ରୋପଣ କରାଯାଇଥିବା ଲେମ୍ବୁ ଗଛ, ଆମ୍ବ ଗଛ, ନିମ୍ବ ଓ ପିଜୁଳି ଗଛ ଉପାଡି ଦେଇ ସେଠାରେ ମକା ଚାଷ କରୁଛନ୍ତି । ଏହା ଫଳରେ ଗ୍ରାମବାସୀ ମାନେ ଗାଇ ଚୋରୁ ଚରାଇବା ପାଇଁ ଜନ୍ମସିଦ୍ଧ ଅଧିକାରରୁ ବଂଚିତ ହେଉଛନ୍ତି । ଜମିଗୁଡିକ ଗ୍ରାମର ସମସ୍ତଙ୍କ ଦୈନିକ ଆବଶ୍ୟକତା ପଇଁ ରଖି ଦିଆଯାଇଥିବା ସାଧାରଣ ଉପଯୋଗ ଯୋଗ୍ୟ ଜମି, ଯାହା ଉପରେ କାହାର କୌଣସି ବ୍ୟକ୍ତିଗତ ଅଧିକାର ନାହିଁ । ତେଣୁ ପ୍ରଶାସନ ଦାବିକୁ ଗୁରୁତର ସହ ନେଇ ବେଆଇନ ଭାବରେ ଦଖଲ କରିଥିବା ବ୍ୟକ୍ତି ମାନଙ୍କ ଠାରୁ ଜମିକୁ ତୁରନ୍ତ ମୁକ୍ତ କରାଯିବାକୁ ପ୍ରଶାସନିକ ବ୍ୟବସ୍ଥା ନିଆଯାଉ, ସେଠାରେ କରାଯାଉଥିବା ମକା ଚାଷକୁ ଜବତ କରିବାକୁ ଆବଶ୍ୟକ ଆଦେଶ ଜାରି କରାଯାଉ ଆଦି ଦାବି କରାଯାଇଛି ।

# ସାମାଜିକ କର୍ମୀ ଶ୍ରୀଧର ସାହୁଙ୍କ ପରଲୋକ

କେନ୍ଦ୍ରାପଡ଼ା, ୨୪/୧୦ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତ ମୁଗବାରୀ ଗ୍ରାମର ସାମାଜିକ କର୍ମୀ ଶ୍ରୀଧର ସାହୁଙ୍କ ପରଲୋକ ହୋଇଯାଇଛି । ସେ ଜଣେ ସାମାଜିକ କର୍ମୀ ଭାବେ କୁତରଙ୍ଗ, ଢୋଲ ଓ ସ୍ଥାନୀୟ ପଂଚାୟତରେ ବେଶ୍ ଜଣାଶୁଣା ଥିଲେ । ଖବର ପାଇ କେନ୍ଦ୍ରାପଡ଼ା ବିଧାୟକଙ୍କ ସମେତ ଢୋଲ ସରପଂଚ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମିତି ସଭ୍ୟ ତଥା ସ୍ୱର୍ଗତ ସାହୁଙ୍କ ସାନଭାଇ ଅକ୍ଷୟ କୁମାର ସାହୁଙ୍କ ସମେତ ଅଭିମନ୍ୟୁ ମହାନ୍ତି, ଲକ୍ଷ୍ମୀଧର ପଲାଇ, ରଞ୍ଜନ କୁମାର ଜେନା, ମହେନ୍ଦ୍ର ସାହୁ, କୁତରଙ୍ଗର ପୂର୍ବତନ ସରପଂଚ ରାଜନ୍ ପ୍ରସାଦ ଥାଟୋଇ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସଭା ଓ ସିପିଆଇ କୋରାପୁଟ ଜିଲ୍ଲା ପରିଷଦ ବୈଠକ

ଜୟପୁର, ୨୪/୧୦ (ନି.ପ୍ର): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୨ତମ ସ୍ମୃତିସଭା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଥି ଭଗବତୀ ଚରଣ ପାଣିଗ୍ରାହୀଙ୍କ ଫୋଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ତାଙ୍କ ଜୀବନୀ ଏବଂ ସାହିତ୍ୟ କୃତି ଉପରେ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଆଲୋକପାତ କରିଥିଲେ । ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ପରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ଜେନା ପାର୍ଟି ର ଜାତୀୟ ମହାସମ୍ମିଳନୀର ରିପୋର୍ଟ ପ୍ରଦାନ କରିଥିଲେ । ଶ୍ରମିକ, କୃଷକ, ଛାତ୍ର, ଯୁବକ, କ୍ଷେତ ମୂଲିଆ, ଦିନ ମଜୁରିଆ ମାନଙ୍କ ସମସ୍ୟା ତଳ ସ୍ତରରୁ ଆରମ୍ଭ କରି ଜନ ସଚେତନତା ସୃଷ୍ଟି ସହ ଜନ ଆନ୍ଦୋଳନ ପାଇଁ ପାର୍ଟି ପ୍ରସ୍ତୁତି ପାଇଁ ଶାଖା ମାନଙ୍କୁ ଆହ୍ୱାନ ଦେଇଛି । ୨୦୧୪ ରୁ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆର୍ ଏସ୍ ଏସ୍ ର ରାଜନୈତିକ ଶାଖା ବିଜେପି ଶାସନକୁ ଆସିବା ପରଠାରୁ ଅତ୍ୟନ୍ତ କୈାଶଳ କ୍ରମେ ସମ୍ବିଧାନ ଓ ସାମ୍ବିଧାନିକ ସଂସ୍ଥାକୁ ଧ୍ୱଂସ କରିବା ସହ ଆର୍ ଏସ୍ ଏସ୍ ର ଏଜେଣ୍ଡା କାର୍ଯ୍ୟକାରୀ କରିବାରେ ଲାଗିଛି । ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧି ପାଇଥିବା ବେଳେ ଜନସାଧାରଣଙ୍କ ଦୃଷ୍ଟିକୁ ହଟେଇ ବିଭିନ୍ନ ଧାର୍ମିକ ଅସହିଷ୍ଣୁ କାର୍ଯ୍ୟ କରି ସାମାଜିକ ବିଭ୍ରାନ୍ତି ସୃଷ୍ଟି କରୁଛି । ଓଡ଼ିଶାରେ ପୋଲିସ ଚାକିରି ଦୁର୍ନୀତି ସଦ୍ୟତମ ଉଦାହରଣ । କାର୍ଯ୍ୟ ସମୟ ୧୦ ଘଣ୍ଟା କରିବା ଏବଂ ମହିଳା ମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଥିବା ବେଳେ ସେମାନଙ୍କୁ ରାତ୍ରୀକାଳୀନ କର୍ମନିଯୁକ୍ତି ପାଇଁ ମଧ୍ୟ ଆଇନ୍ କରୁଛି ସରକାର ।

# ଫୁଲବାଣୀରେ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ତରଫରୁ ୬୯ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗିତା

କନ୍ଧମାଳ, ୨୪/୧୦ (ନି.ପ୍ର): ସ୍ଥାନୀୟ ପବ୍ଲିକ ସ୍କୁଲ, ଫୁଲବାଣୀ ଠାରେ ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରିଡ଼ା ସଂଗଠନ ଓ କନ୍ଧମାଳ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ତରଫରୁ ୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗିତା( ୧୭ ବର୍ଷରୁ କମ୍ ବାଳକ ଓ ବାଳିକା) ୨୦୨୫-୨୬ ର ଉଦଘାଟନ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତା ୨୩ ରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ ଯୋଗଦେଇ କହିଥିଲେ ଯେ, ଏହି ଖେଳ ନିଜକୁ ଫିଟ୍ ରଖିବା ସହିତ ଆତ୍ମରକ୍ଷାରେ ସାହାଯ୍ୟ କରିବ । ପ୍ରତିଯୋଗୀମାନଙ୍କର ସଫଳ କାମନା କରିବା ସହିତ ନିଜର ଉନ୍ନତ ପ୍ରଦର୍ଶନ ଦ୍ୱାରା ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବାକୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ କହିଥିଲେ ଯେ, କରାଟେ ଏକ ଆତ୍ମସୁରକ୍ଷାର ଖେଳ । ଆତ୍ମସୁରକ୍ଷା ପାଇଁ କରାଟେ ପରି ମାର୍ଶଲ ଆର୍ଟର ଶିକ୍ଷା ପ୍ରତ୍ୟେକ ବାଳିକାମାନଙ୍କୁ ଆବଶ୍ୟକ । ସେ ମଧ ଖେଳାଳୀମାନଙ୍କ ଆଗାମୀ ଭବିଷ୍ୟତର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମର ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଆଠଗୋଟି ଜିଲ୍ଲାର ୧୦୧ ଜଣ ପ୍ରତିଯୋଗୀମାନେ ଯୋଗଦେଇ ଥିଲେ । ସାଂସ୍କୃତିକ ଦଳର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ଜ୍ୟୋତି ପ୍ରସାଦ ପରିଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାଶ, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ( ରାଜ୍ୟ ପରିଦର୍ଶକ) ସପନ କୁମାର ଜେନା, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା(ରାଜ୍ୟ ପରିଦର୍ଶକ) କୈଳାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା(ରାଜ୍ୟ ପରିଦର୍ଶକ) ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦେଇ, ସମ୍ପାଦକ, ଜିଲ୍ଲା କ୍ରୀଡ଼ା ସଂଗଠନ, କନ୍ଧମାଳ ଶିବ ପ୍ରସାଦ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମିର କୁମାର ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ଗଜପତି ସୁରେନ୍ଦ୍ର କୁମାର ପାତ୍ର, ସମ୍ପାଦକ, ପବ୍ଲିକ ସ୍କୁଲ ବିପ୍ରଚରଣ ପାତ୍ରଙ୍କ ସମେତ ଶାରୀରିକ ଶିକ୍ଷା ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, ସାଂସ୍କୃତିକ କଳାକାର, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ରାଇକଳା ପରମାନନ୍ଦ ଭାଗବତ ଟୁଙ୍ଗିରେ ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ ଅନୁଷ୍ଠିତ

କେନ୍ଦୁଝର, ୨୪/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ତଥା କେନ୍ଦୁଝର ଜିଲ୍ଲା ଯାଦବ ମହାସଭାର ଆହ୍ୱାନ କ୍ରମେ ଉତ୍କଳୀୟ ସଂସ୍କୃତି,ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଜିତେନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଇକଳା ପରମାନନ୍ଦ ଭାଗବତ ଟୁଙ୍ଗିରେ ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ ଯଥା ବିଧି ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ ଭାଗବତ ଦଶମ ସ୍କନ୍ଧ ୨୬ଅଧ୍ୟାୟ ପାରାୟଣ ପୂର୍ବକ ନନ୍ଦରାଜାଙ୍କ ଦରବାରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବାଳ ଗୋପାଳଙ୍କ ପରାମର୍ଶ କ୍ରମେ ଇନ୍ଦ୍ର ପୂଜା ନ କରି ଗିରି ଗୋବର୍ଦ୍ଧନ ପୂଜା କରିବା ପାଇଁ ବୟୋବୃଦ୍ଧ ଯାଦବ ମାନେ ନିଷ୍ପତି ଗ୍ରହଣ କଲେ । ଏଣୁ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗିରି ଗୋବର୍ଦ୍ଧନ ପୂଜା ନିମନ୍ତେ ଗ୍ରାମର ଆବାଳ ବୃଦ୍ଧ ବନିତା, ବିଭିନ୍ନ ବ୍ଲକରୁ ଆସିଥିବା ଯାଦବ ନେତୃବୃନ୍ଦ,ଭାଗବତ ଭକ୍ତ ତଥା ସଂକୀର୍ତନ ମଣ୍ଡଳୀର ସମାବେଶରେ ଏକ ବିରାଟ ପଟୁଆର ରାଇକଳା ଗ୍ରାମର ପାହାଡ ଅଭିମୁଖେ ଅଗ୍ରସର ହୋଇଥିଲା । ସେଠାରେ ଯଥାବିଧି ଗିରି ଗୋବର୍ଦ୍ଧନ ପୂଜା କରା ଯାଇଥିଲା । ଏଥିରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ପ୍ରାଧ୍ୟାପକ ଜଗନ୍ନାଥ ଜେନା,ଉପସଭାପତି ଯଦୁମଣି ମହାନ୍ତ, ସଦର ବ୍ଲକ ସଭାପତି ପ୍ରସନ୍ନ କୁମାର ଦାସ ,ଘଷିପୁରା ବ୍ଲକ ଭାଗବତ ଗାୟକ କାମପାଳ ଓଝା, ହରିଚନ୍ଦନପୁର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଂକୀର୍ତନ ମଣ୍ଡଳୀ, ସରାସ ଭାଗବତ ଟୁଙ୍ଗି ଉପଦେଷ୍ଟା ଆକୁଳୀ ଚକ୍ର, ଯୋଡା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ସଂସ୍କୃତି ବିଭାଗ ଜିଲ୍ଲା ସଂଯୋଜକ ଦଶରଥ ବାରିକ, ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ,ସହକାରୀ ସମ୍ପାଦକ ଅକ୍ଷୟ କୁମାର ଦାସ,ସଂସ୍କୃତି ବିଭାଗ ଉପସଭାପତି ମାର୍କଣ୍ଡ ଗିରି ପ୍ରମୁଖ ଯୋଗ ଦାନ କରି ଥିଲେ ।

# ସେଲ୍, ଆରଏସପି ଅଧିନସ୍ଥ ଆଇଜିଏଚର ଡାକ୍ତରଙ୍କ ଦ୍ୱାରା କ୍ୱାଡ୍ରିପାରେସିସ୍ ସହିତ ଉନ୍ନତ ମେରୁଦଣ୍ଡ ଯକ୍ଷ୍ମା ଚିକିତ୍ସାରେ ଉଲ୍ଲେଖନୀୟ ସଫଳତା ହାସଲ

ରାଉରକେଲା, ୨୪/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରମାନେ କ୍ୱାଡ୍ରିପାରେସିସ୍ ସହିତ ଉନ୍ନତ ମେରୁଦଣ୍ଡ ଯକ୍ଷ୍ମାରେ ପୀଡିତ ଜଣେ ୫୯ ବର୍ଷୀୟ ବୃଦ୍ଧ ରୋଗୀଙ୍କ ଗତିଶୀଳତାକୁ ପୁନଃସ୍ଥାପିତ କରିବା ସହ ଶ୍ୱାସକ୍ରିୟା ଜନିତ ଅସୁବିଧାର ସଫଳ ଚିକିତ୍ସା କରିଛନ୍ତି ।

ନିକଟରେ ଆଇଜିଏଚରେ ଭର୍ତ୍ତି ହୋଇଥିବା ଏହି ରୋଗୀଜଣକ ତିନି ସପ୍ତାହ ଧରି ନିଜ ଅଙ୍ଗପ୍ରତ୍ୟଙ୍ଗକୁ ଚଳପ୍ରଚଳ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହେବା ସହିତ ଶଯ୍ୟାଶାୟୀ ଥିଲେ । ସେ ପୂର୍ବରୁ ରାଉରକେଲାର ଅନେକ ହସ୍ପିଟାଲ ସହିତ ପରାମର୍ଶ କରିଥିବାବେଳେ ଶେଷରେ ଆପୋଲୋ ହସ୍ପିଟାଲରେ ହୋଇଥବା ଏମଆରଆଇ ପରୀକ୍ଷାରୁ ଯକ୍ଷ୍ମା ସର୍ଭିକାଲ୍ ଏବଂ କଟି ମେରୁଦଣ୍ଡ ଉଭୟକୁ ପ୍ରଭାବିତ କରିଥିଲା ବୋଲି ସ୍ପଷ୍ଟ ହୋଇଥିଲା । ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇପାରିନଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆଇଜିଏଚ କୁ ଅଣାଯାଇଥିଲା ।

ଆଇଜିଏଚ ରେ ଭର୍ତ୍ତି ହେବା ସମୟରେ, ରୋଗୀଙ୍କ ଅବସ୍ଥା ଗୁରୁତର ଥିଲାବେଳେ ସେ ଶ୍ୱାସକ୍ରିୟାରେ ଅସୁବିଧା ଅନୁଭବ କରିଥିଲେ ଯାହା ପାଇଁ ଭେଣ୍ଟିଲେଟୋରୀ ସହାୟତାର ଆବଶ୍ୟକ ପଡିଥିଲା । ସର୍ଭାଇକାଲ୍ ମେରୁଦଣ୍ଡର ଏମଆରଆଇ ରୁ ସି୪-ସି୫ ସ୍ତରରେ ଯକ୍ଷ୍ମା ଦେଖାଦେଇଥିଲା ଯାହା ଦ୍ୱାରା ପୂଜ ସହ ମେରୁଦଣ୍ଡକୁ ସଙ୍କୁଚିତ କରିଦେଇଥିଲା ଏବଂ ଏଲ୧-ଏଲ୨ ସ୍ତର ଜଡିତ ଥିଲା । ଗଭୀର ଶ୍ୱାସକ୍ରିୟା ପ୍ରକ୍ରିୟାରେ କୃତିମ ସହାୟତା କରାଯାଇଥିଲାବେଳେ ରୋଗୀଙ୍କୁ



୭୨ ଘଣ୍ଟା ମଧରେ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ କରାଯାଇଥିଲା ।

ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ସଫଳତାର ସହ ଏହି ଅସ୍ତ୍ରୋପଚାର କରିଥିଲାବେଳେ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ । ଏହି ଅସ୍ତ୍ରୋପଚାରରେ ସିଷ୍ଟର ଗୋଧୂଳି ଏବଂ ବ୍ରଦର କମଳାକର ନିଜର ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ ।

ଅସ୍ତ୍ରୋପଚାର ପରେ, ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା । ସେ ଉଭୟ ଉପର ଏବଂ ତଳ ଅଙ୍ଗରେ ପୁନଃ ଗତିଶୀଳତା ଫେରିପାଇବା ସହ ଶ୍ୱାସକ୍ରିୟାର ସମୟ ୧୦ ସେକେଣ୍ଡରୁ ୨୪ ସେକେଣ୍ଡକୁ ବୃଦ୍ଧି ପାଇଥିଲା । ଅସ୍ତ୍ରୋପଚାର ପରବର୍ତ୍ତୀ ସେବାକୁ ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ସୋନିଆ, ସିଷ୍ଟର ମନୀଷା, ସିଷ୍ଟର ରୁବି, ସିଷ୍ଟର ନମିତା ଏବଂ ସିଷ୍ଟର ପ୍ରିୟଙ୍କା ଅତି ସାବଧାନତାର ସହ ପ୍ରଦାନ କରିଥିଲେ । ଆଇଜିଏଚ୍ ରେ ପ୍ରାପ୍ତ ବ୍ୟାପକ ଚିକିତ୍ସା ଏବଂ ଉତ୍ସାହପୂର୍ଣ୍ଣ ସେବା ପାଇଁ ରୋଗୀଜଣକ ଗଭୀର ଆତ୍ମସନ୍ତୋଷ ପ୍ରକାଶ କରିଥିଲାବେଳେ ସେ ଏବେ ଗୋଟିଏ ମାସ ପରେ ଏହିଠାରେ ହିଁ ତାଙ୍କର ଲୁମ୍ବାର ସ୍ପାଇନ ଟ୍ୟୁବରକୁଲୋସିସ ପାଇଁ ଶଲ୍ୟଚିକିତ୍ସା ନିମନ୍ତେ ଯୋଜନା କରିଛନ୍ତି ।

# କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

**ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ। ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ। କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।**

**ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...**



### କିସମିସ୍ ପାଣିର ଉପକାରିତା:

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ। ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ।

### କିସମିସ୍ ପାଣିର ଅପକାରିତା:

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ। ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ। ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ।

ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ। ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ବନ କରିବା ଉଚିତ୍।

# ଘରେ ତିଆରି କରନ୍ତୁ ମୁଢ଼ିର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ମୁଢ଼ି, ଗାଜର, କ୍ୟାପିସମ,ପିଆଜ,ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଢ଼ିକୁ ଏକ ପାତ୍ରରେ ନେଇ ତାକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ଏହା ଭିଜିଗଲା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ କଟା ଗାଜର, କ୍ୟାପିସମ ଓ ପିଆଜ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ଗୋଳାଇ ରଖିଥିବା ମିଶ୍ରଣ ପକୁଡି ଆକାରରେ ଛାଣନ୍ତୁ। ପକୁଡିର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଢ଼ି ପକୁଡି। ଏହାକୁ ଟମାଟୋ ଚଟଣି ଓପୁଦିନା ଚଟଣି ସହ ଖାଇପାରିବେ।




ଭାରତୀୟ ଖାଦ୍ୟରେ ପିଆଜର ବହୁଳ ବ୍ୟବହାର ହୋଇଥାଏ । ଏମିତିକି ପିଆଜର ପେଣ୍ଡସ୍ଥଳୀ ବୋଲି ମଧ୍ୟ ମହାରାଷ୍ଟ୍ରର ନାସିକକୁ କୁହାଯାଏ । ତେବେ ଖାଲି ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ ପିଆଜ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଲାଭଦାୟକ । ଆୟୁର୍ବେଦ ଅନୁସାରେ ପିଆଜ ଔଷଧୀୟ ଗୁଣରେ ଭରପୂର ଏବଂ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ । ବଜାରରେ ଦେଶୀ ପିଆଜ ଏବଂ ଲାଲ ପିଆଜ ବହୁଳ ଭାବରେ ବିକ୍ରି ହୁଏ । ଦେଶୀ ପିଆଜ ହାଲୁକା ରଙ୍ଗର ହୋଇଥିବା ବେଳେ ଲାଲ ପିଆଜ ଗାଢ଼ ରଙ୍ଗର ହୋଇଥାଏ । ଉଭୟ ପିଆଜ ଖାଦ୍ୟରେ ବ୍ୟବହାର ହୋଇଥାଏ । କିଛି ଲୋକ ଦେଶୀ ପିଆଜକୁ ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ବୋଲି ଭାବୁଥିବା ବେଳେ ଅନ୍ୟ କିଛି ଖାଉଟି ନାଲି ପିଆଜକୁ ଅଧିକ ଲାଭଦାୟକ ବୋଲି ମାନନ୍ତି । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହି ଦୁଇଟି ପିଆଜ ମଧ୍ୟରୁ କେଉଁଟି ସ୍ୱାସ୍ଥ୍ୟ ପାଇଁ ପ୍ରକୃତରେ ଭଲ ?

ତେବେ ପିଆଜରେ ଥିବା ପ୍ରାକୃତିକ କ୍ୱେରସେଟିନ୍, ଫ୍ଲାଭୋନଏଡ୍ସ ଏବଂ ଫେନୋଲିକ୍ ଏସିଡ୍ ଶରୀରର ଆଭ୍ୟନ୍ତରକୁ ସଫା ରଖେ । ଥକ୍କାପଣ, ପାଚନ ସମସ୍ୟା ଏବଂ ପୁରୁଣା ଯନ୍ତ୍ରଣାକୁ କମାଇଥାଏ ପିଆଜ । ଅନେକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ପିଆଜ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିବାରେ ସାହାଯ୍ୟ କରେ । ଦେଶୀ ଏବଂ ନାଲି ପିଆଜ ଉଭୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଯଦି ଏହାକୁ ଠିକ୍ ଉପାୟରେ ସେବନ କରାଯାଏ । ତେବେ ଦେଶୀ ପିଆଜ ଆକାରରେ ଛୋଟ, ରଙ୍ଗରେ ଗୋଲାପୀ ଏବଂ ତୀବ୍ର ଗନ୍ଧର ହୋଇଥାଏ । ଏଥିରେ ସଲଫର, କ୍ୱେର୍ସେଟିନ୍ ଏବଂ ଆନଥ୍ରୋସାୟାନିନ୍ ପ୍ରଚୁର ପରିମାଣରେ ଥାଏ, ଯାହା ଏହାର ତୀବ୍ର ଗନ୍ଧ ଏବଂ ଔଷଧୀୟ ଗୁଣର ସଂକେତ ଦେଇଥାଏ । ଦେଶୀ ପିଆଜ ଆଭ୍ୟନ୍ତରର ଯନ୍ତ୍ରଣା କମାଇବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଏବଂ ଶରୀରର ପ୍ରାକୃତିକ ଡିଟକ୍ସ ପ୍ରକ୍ରିୟାକୁ ସପୋର୍ଟ କରିବାରେ ସାହାଯ୍ୟ କରେ । ଆୟୁର୍ବେଦରେ ଦେଶୀ ପିଆଜକୁ କାଶ ପାଇଁ ଏକ ଘରୋଇ ଉପଚାର ଭାବରେ ମଧ୍ୟ ବ୍ୟବହାର କରାଯାଏ । ଦେଶୀ ପିଆଜ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା କାଶରୁ ମୁକ୍ତି ମିଳିଥାଏ । ନାଲି ପିଆଜ କଥା ଯଦି କହିବା ଏହା ଆକାରରେ ବଡ଼ ଏବଂ ଏହାର ସ୍ୱାଦ ସାମାନ୍ୟ ମିଠା । ଏହି ପିଆଜର ବେଷ୍ଟ୍ କ୍ୱାଲିଟି ହେଉଛି ଏହାକୁ କଞ୍ଚା ଖାଇବା ଦ୍ୱାରା ଶରୀରକୁ ଅଧିକ ଲାଭ ମିଳିଥାଏ । କଞ୍ଚା ନାଲି ପିଆଜ ଆଣ୍ଟିଅକ୍ସିଡାଣ୍ଟ ବଜାୟ ରଖେ । ଏହି ପିଆଜରେ କ୍ୱେରସେଟିନ୍ ଏବଂ ଆନଥ୍ରୋସାୟାନିନ୍ ମଧ୍ୟ ଭରପୂର, ଯାହା ଯନ୍ତ୍ରଣାକୁ କମ୍ କରେ ଏବଂ ଏହା ହୃଦୟ ପାଇଁ ମଧ୍ୟ ବହୁତ ଲାଭଦାୟକ । ନାଲି ପିଆଜକୁ ରାଇତା, ସାଲାଡ କିମ୍ବା ଚଟଣିରେ ମିଶାଇ ଖାଇହେବ । ତେବେ ଯଦି ଆପଣ ଭାବୁଛନ୍ତି ଯେ ଖାଦ୍ୟରେ ଦେଶୀ ପିଆଜ ବାଛିବା ଉଚିତ କି ନାଲି, ତେବେ ଏହାର ଉତ୍ତର ହେଉଛି ଉଭୟ । ଉଭୟର ସନ୍ତୁଳିତ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଦେଶୀ ପିଆଜ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଭଲ ଥିବା ବେଳେ ନାଲି ପିଆଜ ହଜମ ପ୍ରକ୍ରିୟାକୁ ଉନ୍ନତ କରେ ।

# ପରିସ୍ରା ରୋକିବା ଭାରି ଭୟଙ୍କର : ଡାକିଆଣିବ ଘାତକ ରୋଗ , ସତର୍କ କରାଇଲେ ଡାକ୍ତର



ପରିସ୍ରା ଲାଗୁଥିବ କିନ୍ତୁ ରୋକିକରି ବସିଥିବେ ଏମିତି କେବେ ପରିସ୍ଥିତି ଉପୁଜିଛି କି ? ଏ ପ୍ରଶ୍ନରେ ବୋଧହୁଏ ଆପଣ ଭାବୁଥିବେ ଏ ତ ନିତିଦିନିଆ କଥା , କାମରେ ବ୍ୟସ୍ତ ରହିଗଲେ ବେଳେବେଳେ ବିଳମ୍ବ ହେଇଯାଏ । କର୍ମବ୍ୟସ୍ତତା ଯୋଗୁ ହେଉ କିମ୍ବା ଯାତ୍ରାକାଳରେ ସୁବିଧାର ଅଭାବ ହେଲେ ପରିସ୍ରା ରୋକିବା ଭଳି କାମ ପ୍ରାୟତଃ ସମସ୍ତେ କରନ୍ତି । କିନ୍ତୁ ଏହି ଛୋଟ କାମଟି ଯେ ଆପଣଙ୍କୁ କେତେ ବଡ଼ ଗମ୍ଭୀର ରୋଗ ଆଡ଼କୁ ଟାଣି ନେଉଛି କେବେ ଭାବିଛନ୍ତି କି ? ଏଥିରେ ବ୍ଲାଡର୍ ଲିକେଜ୍ ସମସ୍ୟାରୁ ଆରମ୍ଭ କରି ସଂପୂର୍ଣ୍ଣ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ତେବେ ଆସନ୍ତୁ ଜାଣିବା ଅଧିକ ସମୟ ଧରି ପରିଶ୍ରା ରୋକିଲେ ସ୍ୱାସ୍ଥ୍ୟ ଉପରେ ଏହାର କ'ଣ ପ୍ରଭାବ ପଡ଼ିଥାଏ ।

ବର୍ତ୍ତମାନ ସମୟରେ ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଏକ ଗମ୍ଭୀର ସମସ୍ୟା ହେଉଛି ୟୁଟିଆଇ । ଯାହାକୁ ସାଧାରଣତଃ ୟୁରିନ୍ ଇନଫେକ୍ସନ୍ ବୋଲି କୁହାଯାଏ । ଅନେକ କାରଣରୁ ଏହି ସମସ୍ୟା ଦେଖାଯାଏ । କିନ୍ତୁ ଅଧିକ ସମୟ ଧରି ପରିସ୍ରା ରୋକିବା ଏହାର ଏକ ବଡ଼ କାରଣ ହୋଇଥାଏ । ପରିସ୍ରା ଆସୁଥିବା ସମୟରେ ଏହାକୁ ରୋକିଲେ ବ୍ୟାକ୍ଟେରିଆ ବଢ଼ିଥାଏ , ଯାହା ବ୍ଲାଡରର ଭିତର ପର୍ଯ୍ୟନ୍ତ ପହଂଚିଥାଏ । ସଂକ୍ରମଣ ବଢିବା ପରେ ଏହା ଅନେକ ଗମ୍ଭୀର ରୋଗକୁ ଜନ୍ମ ଦିଏ । ଏଭଳି ସ୍ଥିତିରେ ପରିସ୍ରା ଆସିବା ମାତ୍ରେ ଏହାକୁ ପାସ୍ କରନ୍ତୁ ନଚେତ୍ ୟୁଟିଆଇର ସମସ୍ୟା ଗମ୍ଭୀରତା ଆଡ଼କୁ ଗତି କରିବ । ପର୍ଯ୍ୟାପ୍ତ ମାତ୍ରାରେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ । ୟୁରିନ୍ ଲିକେଜ୍ ସମସ୍ୟା ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖାଯାଏ । ପରିସ୍ରା ଉପରେ ନିୟନ୍ତ୍ରଣ ନ ରଖିପାରି ଏଭଳି ସମସ୍ୟାର ସମ୍ମୁଖିନ ହୁଅନ୍ତି ବୟୋଜ୍ୟେଷ୍ଠ । କିନ୍ତୁ ଯଦି ଆପଣ ଅଧିକ ସମୟ ଧରି ପରିସ୍ରା ରୋକୁଛନ୍ତି ତାହେଲେ ଆପଣଙ୍କ ପେଲଭିକ୍ ଫ୍ଲୋର୍ ଏବଂ ବ୍ଲାଡର୍ ଦୁର୍ବଳ ହୋଇଯାଏ ଏବଂ କମ୍ ବୟସରୁ ହିଁ ୟୁରିନ୍ ଲିକେଜ୍ ସମସ୍ୟା ଦେଖାଯାଏ । ପରିସ୍ରାରେ ୟୁରିକ୍ ଏସିଡ୍ ଏବଂ କ୍ୟାଲସିୟମ୍ ଅକ୍ସଲେଟ୍ ନାମକ ମିନେରାଲ୍ ମହଜୁଦ୍ ଥାଏ । ଏହି ମିନେରାଲକୁ ଯଦି ଅଧିକ ସମୟ ଧରି ରୋକାଯାଏ ତା'ହେଲେ କିଡନି ଷ୍ଟୋନ୍ ସମସ୍ୟା ମଧ୍ୟ ହୋଇପାରେ ।

ଲଗାତାର ପରିସ୍ରା ରୋକିବା ଦ୍ୱାରା ବ୍ଲାଡରର ମାଂସପେଶୀ ଦୁର୍ବଳ ହେବା ସହ ଟାଣିଥାଏ । ଏହାଦ୍ୱାରା ସମୟ ବଢ଼ିଲେ ବ୍ଲାଡର୍ ଫାଟିବା ଭଳି ଗମ୍ଭୀର ସମସ୍ୟା ମଧ୍ୟ ଦେଖାଯାଏ । ପରିସ୍ରା ରୋକିବା ଦ୍ୱାରା କିଡନି ଉପରେ ଏହାର ପ୍ରେସର୍ ପଡ଼ିଥାଏ ଯାହା ଭବିଷ୍ୟତରେ କିଡନି ସମ୍ବନ୍ଧୀୟ ରୋଗକୁ ଜନ୍ମ ଦିଏ । ଏହାଛଡ଼ା ଲମ୍ବା ସମୟ ଧରି ପରିସ୍ରା ରୋକିବାର ଅଭ୍ୟାସ କିଡନି ଏବଂ ବ୍ଲାଡରରେ ପୀଡ଼ାର କାରଣ ପାଲଟିଥାଏ । ୟୁରିନରୀ ରିଟେସନ୍ ସମସ୍ୟା ଉତ୍ପନ୍ନ ହୋଇଥାଏ ଯାହାଦ୍ୱାରା ମୂତ୍ରାଶୟ ସଂପୂର୍ଣ୍ଣ ରୂପରେ ଖାଲି ହୋଇ ନ ପାରି ପରିସ୍ରା କଲାବେଳେ ଅସୁବିଧା ଉପୁଜିଥାଏ ।

# ମାଇକ୍ରୋୱେଭରେ ଭୁଲରେ ବି ଏସବୁ ଖାଦ୍ୟକୁ ଦ୍ୱିତୀୟ ଥର ଗରମ କରନ୍ତୁ ନାହିଁ



**ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଲୋକେ ଗୋଟିଏ ଥର ରୋଷେଇ କରି ଏହାକୁ ଗରମ କରି ଖାଇବାରେ ଅଭ୍ୟସ୍ତ। ଏଥିପାଇଁ ମାଇକ୍ରୋୱେଭର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଜାଣନ୍ତି କି, ମାଇକ୍ରୋୱେଭରେ ଖାଦ୍ୟକୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ସ୍ୱାଦ ଏବଂ ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ ? ଆଜ୍ଞା ହଁ, ଅନେକ ପ୍ରକାର ଖାଦ୍ୟ ଅଛି, ଯେଉଁଗୁଡିକୁ ଏକାଧିକ ଥର ମାଇକ୍ରୋୱେଭରେ ଗରମ କରିବା ଦ୍ୱାରା ଏହାର ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ। ତେବେ ଏସବୁ ଖାଦ୍ୟ କଣ, ଜାଣନ୍ତୁ...**

ମାଇକ୍ରୋୱେଭରେ କ'ଣ ଗରମ କରିବା ଉଚିତ୍ ନୁହେଁ ?

ଅଣ୍ଡା ଏବଂ ଏଥିରୁ ତିଆରି ଖାଦ୍ୟ - ସିଝା ଅଣ୍ଡାକୁ ଆଦୌ ମାଇକ୍ରୋୱେଭରେ ଗରମ କରନ୍ତୁ ନାହିଁ। ଏହା ବ୍ୟତୀତ, ମାଇକ୍ରୋୱେଭରେ ଅଣ୍ଡାରୁ ନିର୍ମିତ ଖାଦ୍ୟକୁ ମଧ୍ୟ ଗରମ କରି ଗରମ କରି ଖାଆନ୍ତୁ ନାହିଁ।

ମାଂସ- ଅଧିକାଂଶ ଲୋକ ନନଭେଜ ଖାଦ୍ୟକୁ ଗରମ କରି ଖାଇବା ପାଇଁ ପସନ୍ଦ କରନ୍ତି। ବାସ୍ତବରେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଓଭେନରେ ଏହି ପ୍ରକାର ଖାଦ୍ୟ ଗରମ କରିବା ଦ୍ୱାରା ସ୍ୱାଦରେ ପରିବର୍ତ୍ତନ ଆସିଥାଏ। ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ସବୁଜ ପତ୍ରଯୁକ୍ତ ପନିପରିବା - ସବୁଜ ପତ୍ରଯୁକ୍ତ ପନିପରିବାକୁ ଓଭେନରେ ଗରମ କରିବାକୁ ବାରଣ କରାଯାଏ। ପାଳଙ୍ଗ ଓ ଅନ୍ୟାନ୍ୟ ପ୍ରକାର ଶାଗକୁ ଓଭେନରେ ଦ୍ୱିତୀୟ ଥର ଗରମ କରିବା ଅନୁଚିତ୍। ସବୁଜ ପନିପରିବାରେ ନାଇଟ୍ରେଟ୍ ଥାଏ, ଦ୍ୱିତୀୟ ଥର ଗରମ କରିବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପାଲଟିଯାଏ, ଯାହା କ୍ୟାନସର ଭଳି ମାରାତ୍ମକ ରୋଗ ବିପଦ ଆଶଙ୍କାକୁ ବୃଦ୍ଧି କରିପାରେ।

ଫ୍ରାଏଡ୍ ଖାଦ୍ୟକୁ- ମାଇକ୍ରୋୱେଭରେ ଫ୍ରେଞ୍ଚ୍ ଫ୍ରା ଏବଂ ପକୋଡା ପରି ଫ୍ରାଏଡ୍ ଖାଦ୍ୟକୁ ଗରମ କରିବା ଠାରୁ ଦୂରେଇ ରୁହନ୍ତୁ। ମାଇକ୍ରୋୱେଭରେ ଫ୍ରାଏଡ ଖାଦ୍ୟ ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଚା'- ମାଇକ୍ରୋୱେଭରେ ଚା' ମଧ୍ୟ ଗରମ ନ କରିବା ଉଚିତ୍। ପ୍ରଥମତଃ ଚା ତିଆରି କରି ଦୀର୍ଘ ସମୟ ରଖିବା ଦ୍ୱାରା ଏହା ଖରାପ ହୋଇ ଯାଇଥାଏ, ଯଦି ପୁନର୍ବାର ଏହାକୁ ମାଇକ୍ରୋୱେଭରେ ଗରମ କରୁଛନ୍ତି ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଆହୁରି ହାନିକରାକ ହୋଇପାରେ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



# ଦିନ ବେଳା ଶୁଅନ୍ତୁ ନାହିଁ

**ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।**

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିକାଶର ଦୋଛକିରେ ନିକୋବର: ମାନଚିତ୍ରରୁ ହଜିଯାଉଥିବା ପ୍ରବାଳ

ଭାରତର ଦକ୍ଷିଣତମ ପ୍ରାନ୍ତରେ, ଅନ୍ତହୀନ ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ଗ୍ରେଟ୍ ନିକୋବର ଦ୍ୱୀପ ଅବସ୍ଥିତ । ଏହା କେବଳ ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ବରଂ ଏକ ଜୀବନ୍ତ ପରିବେଶୀୟ ସଂଗ୍ରହାଳୟ, ଯେଉଁଠାରେ ପ୍ରକୃତି ତା'ର ଅପରୂପ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତାକୁ ଅଜାଡ଼ି ଦେଇଛି । ଏହାର ଗାଲାଥିଆ ଉପସାଗରର ବାଲୁକାମୟ ତଟ ବିଶ୍ୱର ସବୁଠାରୁ ବୃହତ୍ ସାମୁଦ୍ରିକ କଇଁଛ, ଲେଦରବ୍ୟାକ୍, ପାଇଁ ଏକ ପ୍ରସିଦ୍ଧ ପ୍ରଜନନ ସ୍ଥଳୀ । କିନ୍ତୁ ଏହି ପରିଚୟ ବାହାରେ ମଧ୍ୟ ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ ଥିଲା, ଯାହା ଏବେ ସରକାରୀ କାଗଜପତ୍ରରେ ଇତିହାସ ପାଲଟିଯାଇଛି । ତାହା ହେଉଛି ଏହାର ଉପକୂଳକୁ ଆଲିଙ୍ଗନ କରି ରହିଥିବା ପ୍ରବାଳ ବା କୋରାଲ୍ ରିଫ୍‌ର ବିଶାଳ ସାମ୍ରାଜ୍ୟ । ଏହି ପ୍ରବାଳଗୁଡ଼ିକ କେବଳ ସମୁଦ୍ରର ସୌନ୍ଦର୍ଯ୍ୟ ବଢ଼ାନ୍ତି ନାହିଁ, ବରଂ ଏକ ସମୃଦ୍ଧ ସାମୁଦ୍ରିକ ଜୀବନଚକ୍ରର ମେରୁଦଣ୍ଡ ଭାବରେ କାର୍ଯ୍ୟ କରନ୍ତି। ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ, ୧୯୭୨ ଅନୁଯାୟୀ, ଏହି ପ୍ରବାଳଗୁଡ଼ିକୁ ବାଘ, ହାତୀ ଓ ଗାଙ୍ଗେୟ ଡଲଫିନ୍ ପରି ସର୍ବୋଚ୍ଚ ସୁରକ୍ଷା (ଅନୁସୂଚୀ-୧) ପ୍ରଦାନ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା, ୨୦୨୦ରୁ ୨୦୨୧ ମଧ୍ୟରେ, ସରକାରୀ ମାନଚିତ୍ରରେ ଏହି ସୁରକ୍ଷିତ ପ୍ରବାଳ ସାମ୍ରାଜ୍ୟ ହଠାତ୍ ଅଦୃଶ୍ୟ ହୋଇଯାଇଛି । ଏହା କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ନୁହେଁ, ବରଂ କାଗଜପତ୍ରରେ ହୋଇଥିବା ଏକ ରହସ୍ୟମୟ ପରିବର୍ତ୍ତନ ଯୋଗୁଁ ଘଟିଛି, ଯାହା ଏକ ବୃହତ୍ ବିକାଶମୂଳକ ପ୍ରକଳ୍ପର ପଥ ପରିଷ୍କାର କରିବା ପାଇଁ ଉଦ୍ଦିଷ୍ଟ ବୋଲି ସନ୍ଦେହ ସୃଷ୍ଟି କରୁଛି ।

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଚେନ୍ନାଇସ୍ଥିତ ନ୍ୟାସନାଲ୍ ସେଣ୍ଟର୍ ଫର୍ ସଷ୍ଟେନେବଲ୍ କୋଷ୍ଟାଲ୍ ମ୍ୟାନେଜମେଣ୍ଟ (NCSCM) ଦ୍ୱାରା ପ୍ରସ୍ତୁତ ୨୦୨୦ ମସିହାର ମାନଚିତ୍ରରେ ସ୍ପଷ୍ଟ ଭାବରେ ଦର୍ଶାଯାଇଥିଲା ଯେ ଗ୍ରେଟ୍ ନିକୋବରର ଦକ୍ଷିଣ ଓ ପଶ୍ଚିମ ଉପକୂଳ, ବିଶେଷକରି ଗାଲାଥିଆ ଉପସାଗର, ପ୍ରବାଳ ଦ୍ୱାରା ଆଚ୍ଛାଦିତ ଥିଲା । କିନ୍ତୁ ମାତ୍ର ବର୍ଷକ ପରେ, ୨୦୨୧ରେ ସେହି ସମାନ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଏକ ନୂତନ ମାନଚିତ୍ରରେ ଏକ ନାଟକୀୟ ପରିବର୍ତ୍ତନ ଦେଖିବାକୁ ମିଳିଲା । ଏହି ନୂଆ ମାନଚିତ୍ରରେ ଉପକୂଳବର୍ତ୍ତୀ ଅଞ୍ଚଳରୁ ପ୍ରବାଳ ସମ୍ପୂର୍ଣ୍ଣ ଭାବେ ଗାଏବ ହୋଇଯାଇଥିଲା ଏବଂ ତା' ବଦଳରେ ସମୁଦ୍ରର ଗଭୀର ଜଳରାଶି ମଧ୍ୟରେ କିଛି ଅସମ୍ଭବ ସ୍ଥାନରେ ଏହାକୁ ଚିହ୍ନିତ କରାଯାଇଥିଲା । ଏହି ପରିବର୍ତ୍ତନ କେବଳ ପ୍ରବାଳ ମଧ୍ୟରେ ସୀମିତ ନଥିଲା । ଉପକୂଳୀୟ ଅଞ୍ଚଳର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ୍ ରେଗୁଲେସନ୍ ଜୋନ୍ (ICRZ) ବିଜ୍ଞପ୍ତି, ୨୦୧୯ ଅନୁଯାୟୀ ସର୍ବାଧିକ ସୁରକ୍ଷିତ 'IA' ଶ୍ରେଣୀଭୁକ୍ତ ସବୁଜ କ୍ଷେତ୍ର ମଧ୍ୟ ୨୦୨୧ ମାନଚିତ୍ରରେ ସଙ୍କୁଚିତ ହୋଇଯାଇଥିଲା । ଗାଲାଥିଆ ଉପସାଗର, ଯାହା ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଏହି ସୁରକ୍ଷିତ ବଳୟ ମଧ୍ୟରେ ଥିଲା, ତାହା ଏହି ମାନ୍ୟତା ହରାଇଥିଲା ।

ଏହି 'ମାନଚିତ୍ରୀୟ ଚମତ୍କାର' ପଛରେ ଥିବା କାରଣ ଖୋଜିଲେ ଏକ ବିଶାଳ ପ୍ରକଳ୍ପର ଛାୟା ଦୃଶ୍ୟମାନ ହୁଏ । ୨୦୨୧ ମସିହାରେ, ଭାରତ ସରକାର ଗ୍ରେଟ୍ ନିକୋବରରେ ଏକ ୮୧,୦୦୦ କୋଟି ଟଙ୍କାର ମେଗା ଭିତ୍ତିଭୂମି ପ୍ରକଳ୍ପର ପରିକଳ୍ପନା କରିଥିଲେ । ଏହାର କେନ୍ଦ୍ରବିନ୍ଦୁ ଥିଲା ଗାଲାଥିଆ ଉପସାଗରରେ ଏକ ଆନ୍ତର୍ଜାତୀୟ କଣ୍ଟେନର ଟ୍ରାନ୍ସସିପମେଣ୍ଟ ଟର୍ମିନାଲ୍ ନିର୍ମାଣ । ଏହା ସହିତ ଏକ ଶକ୍ତି କେନ୍ଦ୍ର, ଏକ ନୂତନ ଆନ୍ତର୍ଜାତୀୟ ବିମାନବନ୍ଦର ଏବଂ ଏକ ଟାଉନସିପ୍ ନିର୍ମାଣର ଯୋଜନା ମଧ୍ୟ ରହିଛି । ପରିବେଶୀୟ ନିୟମ ଅନୁଯାୟୀ, ପ୍ରବାଳ, କଇଁଛଙ୍କ ପ୍ରଜନନ ସ୍ଥଳୀ ଏବଂ ICRZ-IA ଶ୍ରେଣୀଭୁକ୍ତ ଅଞ୍ଚଳରେ ଏପରି ବୃହତ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ । ତେଣୁ, ମାନଚିତ୍ରରେ ଏହି ପରିବର୍ତ୍ତନ ଏକ ସୁଚିନ୍ତିତ ପଦକ୍ଷେପ ବୋଲି ସ୍ପଷ୍ଟ ଅନୁମାନ କରାଯାଏ, ଯାହାଦ୍ୱାରା ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ହାସଲ କରିବାରେ ଥିବା ଆଇନଗତ ବାଧାକୁ ଦୂର କରାଯାଇପାରିବ।

ଏହି ପ୍ରସଙ୍ଗରେ ସରକାରୀ ସଂସ୍ଥାଗୁଡ଼ିକର ଭୂମିକା ଏବଂ ସେମାନଙ୍କ ତଥ୍ୟରେ ଥିବା ପରସ୍ପରବିରୋଧୀ ବୟାନ ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରେ । ଗୋଟିଏ ପଟେ NCSCM ତା'ର ମାନଚିତ୍ର ବଦଳାଇ ଦେଉଥିବା ବେଳେ, ଅନ୍ୟପଟେ ପ୍ରକଳ୍ପର ପରିବେଶ ପ୍ରଭାବ ଆକଳନ (EIA) ରିପୋର୍ଟ, ଯାହା ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ZSI) ଦ୍ୱାରା ୨୦୨୧ରେ ପ୍ରସ୍ତୁତ କରାଯାଇଥିଲା, ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ବନ୍ଦର ନିର୍ମାଣ ପାଇଁ ପ୍ରାୟ ୧୬,୦୦୦ ପ୍ରବାଳ କଲୋନୀକୁ ସ୍ଥାନାନ୍ତର କରିବାକୁ ପଡ଼ିବ । ଯଦି ପ୍ରବାଳ ସେଠାରେ ନାହିଁ, ତେବେ ସ୍ଥାନାନ୍ତରର ପ୍ରଶ୍ନ ଉଠୁଛି କେଉଁଠୁ ? ଏହାଠାରୁ ଆହୁରି ବଡ଼ ବିଡ଼ମ୍ବନା ହେଉଛି ଯେ ୨୦୨୨ରେ ZSI ଦ୍ୱାରା ପ୍ରକାଶିତ ଏବଂ ସ୍ୱୟଂ କେନ୍ଦ୍ର ପରିବେଶ ମନ୍ତ୍ରୀଙ୍କ ଦ୍ୱାରା ସମର୍ଥିତ ଏକ ପୁସ୍ତକ **'Faunal Ecology and Conservation of the Great Nicobar Biosphere Reserve'**ରେ ଲେଖାଯାଇଥିଲା ଯେ ଗାଲାଥିଆ ଉପସାଗରର ୩୩.୪୫% ଅଞ୍ଚଳରେ ଜୀବନ୍ତ ପ୍ରବାଳର ଆବରଣ ରହିଛି । ଏକ ସରକାରୀ ସଂସ୍ଥାର ମାନଚିତ୍ର କହୁଛି ପ୍ରବାଳ ନାହିଁ, ଏବଂ ଅନ୍ୟ ଏକ ସରକାରୀ ସଂସ୍ଥାର ରିପୋର୍ଟ ଓ ପୁସ୍ତକ ସେଠାରେ ହଜାର ହଜାର ପ୍ରବାଳ ଥିବାର ପ୍ରମାଣ ଦେଉଛି । ଏହି ତଥ୍ୟଗତ ଅସଙ୍ଗତି କେବଳ ଏକ ଭୁଲ ନୁହେଁ, ବରଂ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ରର ଆଭାସ ଦେଉଛି ।

ପ୍ରଖ୍ୟାତ ପ୍ରବାଳ ପରିବେଶବିତ୍ ବର୍ଦ୍ଧନ ପାଟଣକରଙ୍କ ମତରେ, ୨୦୨୧ ମାନଚିତ୍ରରେ ପ୍ରବାଳକୁ ଯେଉଁ ଗଭୀର ସମୁଦ୍ରରେ ଦର୍ଶାଯାଇଛି, ସେଠାରେ ଜୀବବିଜ୍ଞାନ ଦୃଷ୍ଟିରୁ ପ୍ରବାଳ ବଞ୍ଚିବା ଅସମ୍ଭବ । କାରଣ ପ୍ରବାଳକୁ ବଞ୍ଚିବା ପାଇଁ ସୂର୍ଯ୍ୟକିରଣର ଆବଶ୍ୟକତା ରହିଥାଏ, ଯାହା ସମୁଦ୍ରର ଅତ୍ୟଧିକ ଗଭୀରତା ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ତାଙ୍କ ମତରେ, ଏପରି ମାନଚିତ୍ର କେବଳ ଏହା ଦର୍ଶାଇବା ପାଇଁ ତିଆରି କରାଯାଇଛି ଯେ ପ୍ରକଳ୍ପ ଅଞ୍ଚଳରେ କୌଣସି ପ୍ରବାଳ ନାହିଁ । ଏହା ବ୍ୟତୀତ, ଆରିଜୋନା ଷ୍ଟେଟ୍ ୟୁନିଭରସିଟି ଦ୍ୱାରା ପରିଚାଳିତ 'ଆଲେନ୍ କୋରାଲ୍ ଆଟଲାସ୍' ପରି ଆନ୍ତର୍ଜାତୀୟ ସାଟେଲାଇଟ୍ ମାନଚିତ୍ରରେ ଆଜି ମଧ୍ୟ ଗ୍ରେଟ୍ ନିକୋବରର ଉପକୂଳରେ, ବିଶେଷକରି ଗାଲାଥିଆ ଉପସାଗରରେ, ପ୍ରବାଳର ଉପସ୍ଥିତି ସ୍ପଷ୍ଟ ଭାବରେ ଦେଖାଯାଉଛି । ଏହା ସରକାରୀ ଦାବିର ଅସାରତାକୁ ପ୍ରମାଣିତ କରୁଛି ।

ଏହି ଘଟଣା କେବଳ ଗ୍ରେଟ୍ ନିକୋବରର ପ୍ରବାଳ କିମ୍ବା ପରିବେଶ ସୁରକ୍ଷାର ପ୍ରଶ୍ନ ନୁହେଁ, ଏହା ଆମର ବୈଜ୍ଞାନିକ ସଂସ୍ଥାଗୁଡ଼ିକର ସ୍ୱାଧୀନତା, ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପରିବେଶ ମଞ୍ଜୁରୀ ପ୍ରକ୍ରିୟା ଏକ ବୈଜ୍ଞାନିକ ସତ୍ୟତା ଉପରେ ଆଧାରିତ ହେବା ଉଚିତ୍, କୌଣସି ସୁବିଧାବାଦୀ ମାନଚିତ୍ର ଉପରେ ନୁହେଁ । ଯଦି କେବଳ କାଗଜପତ୍ରରେ ପରିବର୍ତ୍ତନ କରି ପରିବେଶୀୟ ନିୟମକୁ ଏଡ଼ାଇ ଦିଆଯାଇପାରେ, ତେବେ ଦେଶର ଅନ୍ୟ ସମ୍ବେଦନଶୀଳ ପରିବେଶୀୟ ଅଞ୍ଚଳଗୁଡ଼ିକର ଭବିଷ୍ୟତ କ'ଣ ହେବ ?

ଗ୍ରେଟ୍ ନିକୋବରର ପ୍ରକଳ୍ପ ଦେଶର ଅର୍ଥନୈତିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ, କିନ୍ତୁ ଏହାର ମୂଲ୍ୟ କ'ଣ ହେବା ଉଚିତ୍ ? ଏକ ଅନନ୍ୟ ପରିବେଶୀୟ ଐତିହ୍ୟକୁ ଧ୍ୱଂସ କରି, ଆଦିମ ଜନଜାତିଙ୍କ ଜୀବନ ଜୀବିକାକୁ ବିପନ୍ନ କରି ଏବଂ ବୈଜ୍ଞାନିକ ସତ୍ୟକୁ ଜଳାଞ୍ଜଳି ଦେଇ ହାସଲ କରାଯାଉଥିବା ବିକାଶ କେବେବି ନିରନ୍ତର ହୋଇପାରିବ ନାହିଁ । ନିକୋବରର ପ୍ରବାଳ ମାନଚିତ୍ରରୁ ହଜିଯାଇପାରେ, କିନ୍ତୁ ସମୁଦ୍ର ଗର୍ଭରେ ତା'ର ଅସ୍ତିତ୍ୱ ଏବେବି ବିଦ୍ୟମାନ । କାଗଜପତ୍ରରେ ଏହି ବିଲୋପ, ବାସ୍ତବରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାରୁ ଏହାକୁ ବିଲୋପ କରିବାର ଏକ ପ୍ରୟାସ ମାତ୍ର । ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ପାଇଁ ଏହା ଉଚିତ୍ ସମୟ ଯେ ସେମାନେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ପରିଚୟ ଦିଅନ୍ତୁ ଏବଂ ଏହି ପ୍ରକଳ୍ପର ପୁନର୍ବିଚାର କରନ୍ତୁ । ବିକାଶର ନାମରେ ପ୍ରକୃତିର ଏହି ନୀରବ ଚିତ୍କାରକୁ ଅଣଦେଖା କରିବାର ପରିଣାମ ଭବିଷ୍ୟତ ପାଇଁ ଅତ୍ୟନ୍ତ ଭୟାବହ ହୋଇପାରେ । ସୁବିଧାଜନକ ମାନଚିତ୍ର ନୁହେଁ, ବରଂ ବୈଜ୍ଞାନିକ ସତ୍ୟତା ହିଁ ଆମର ପଥପ୍ରଦର୍ଶକ ହେବା ଆବଶ୍ୟକ ।

# ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ



ଅକ୍ଷୟ କୁମାର ରାଉତ



ସଭ୍ୟତାର ସୂର୍ଯ୍ୟୋଦୟଠାରୁ କେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ,ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନକୁ ଆଲୋକିତ କରି ସତ୍ୟ,ଦୟା କ୍ଷମା ଓ ଶନ୍ତିର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ। ୧୮୮୬ ମସିହା ଅକ୍ଟୋବର ୨୬ ତାରିଖ କାର୍ତୀକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀନିବାସ ପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଲିଙ୍ଗରାଜ ମିଶ୍ର ଥିଲେ ଜଣେ ଚଣ୍ଡୀ ସାଧକ ଓ ବୈଦ୍ୟ। ଗୋଦାବରୀ ତୀର୍ଥ ଯାତ୍ରା ପରେ ପୁତ୍ରଲାଭ ହୋଇଥିବାରୁ ପିତାମାତା ଗୋଦାବରୀ ମିଶ୍ର ନାମ ରଖିଥିଲେ। ମାତ୍ର ଭକ୍ତ କବି ମଧୁସୂଦନ ଗୋଦାବରୀ ବାଳିକା ନାମକୁ ବାଳକ ନାମ ଗୋଦାବରୀଶ ମିଶ୍ର ରଖିଥିଲେ। ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢୁଥିବା ବେଳୁ ସ୍ତ୍ରୀ ଲୋକଙ୍କ ଭଳି ମୁଣ୍ଡରେ ଛୁଟି ରଖିବା ଓ କାନରେ ନୋଳି ପିନ୍ଧିବା ତାଙ୍କର ଥିଲା ଅଭ୍ୟାସ।

ଗୋଦାବରୀଶଙ୍କର ଶିକ୍ଷା ଗାଁ ଚାଟଶାଳୀର ଅବଧାନ ଗୀରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା। ଉଚ୍ଚ ପ୍ରାଥମିକ ପରିକ୍ଷା ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା। ବାଣପୁରରେ ମଧ୍ୟ ଓଡିଆ ପଢି ସେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାରୁ ବୃତି ମିଳିଲାନାହିଁ। ତେଣୁ ପାଠପଢା ବନ୍ଦ ହୋଇଗଲା। ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୈଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷା କଲେ । ପିତାଙ୍କ ଅନୁପସ୍ଥିତରେ ଠାକୁର ପୂଜାଭାର ତାଙ୍କ ଉପରେ ପଡିବାରୁ ସେ ଠାକୁରଙ୍କୁ ଖଟୁଳିରୁ ଉଠାଇ ଆଣି ଭାତରେ ମୁହଁ ମାଡିଦେଇଥିଲେ। ସେ ଜଣେ ସଂସ୍କାରି ନୀତିବାନ୍ ବ୍ରାହ୍ମଣଟି ହୋଇପାରିଲେ ନାହିଁ। ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ। ତେଣୁ ଗାଁ ଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେ ଡାକିଲେ। ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ। ତେଣୁ ସେ ନିଜର ପୈତୃକ ଜମିରୁ କିଛି ଅଂଶ ବିକି କରି ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲେ। ଅଷ୍ଟମ ଶ୍ରେଣୀ ବାର୍ଷୀକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶ କରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କା ବୃତି ପାଇବାର ବ୍ୟବସ୍ଥା କରିଦେଲେ। ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲା ବେଳେ ଶଶିଭୂଷଣ ରାୟ ଚୌଧୁରୀ ସହିତ ପରିଚିତ ହୋଇଥିଲା। ପୁରୀ ବଡ ଦାଣ୍ଡରେ ବିଦେଶୀ ଲୁଗା ପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମ ଥର ଦେଖାହେଲା। ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ। ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟ କଲେ।

ଗୋଦାବରୀଶଙ୍କ ପିନ୍ଧା ଲୁଗା ଥିଲା ମାତ୍ର ଖଣ୍ଡିଏ। ସେ ଲୁଗାଟିକୁ ଛୁଟିଦିନରେ ଝରକା ଦେଇ ଧୋବାକୁ ସଫା କରିବାକୁ ଦିଅନ୍ତି ଓ ନିଜେ ଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି। ପିତାଙ୍କର ହଇଜାରେ ମୃତ୍ୟୁ ଖବର ପାଇ ଘରେ ପହଚିଂବା ପର ମୁହୂର୍ତରେ ତାଙ୍କ ବୋଉ ମଧ୍ୟ ହଇଜାରେ ଦେହତ୍ୟାଗ କଲେ। ଘରେ ଅନ୍ଧୁଣୀ ବୁଢୀ ମା ଓ ଆଠ ବର୍ଷର ଭଉଣୀଙ୍କୁ ଛାଡି ପୁଣୀ ଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଚଂ ଟଙ୍କା ବୃତିରୁ ଟଙ୍କାଟିଏ ବଳକା କରି ଘରକୁ ପଠାଉଥିଲେ। ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ପାଶ କରି ଦଶଟଙ୍କା ବୃତି ପାଇଲେ। ଏହି ବୃତି ପଇସାରେ କଲେଜରେ ନାମ ଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ। ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ।

୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ। ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କର ସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତି କଷ୍ଟରେ ମୃତ୍ୟୁ ବରଣ କରିଥିଲା। ବାଣପୁର ଅଚଂଳରେ କଲେଜ ପଢୁଆ ଯୁବକ ଭାବରେ 'ଭଗବତୀ ପ୍ରସାଦିନୀ' ସମିତିଟିଏ ଗଠନ କରି ସରକାରୀ ଅଫିସରମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠ ଚୋରି ଅଭିଯୋଗରେ ଫସାଇ ଦିଆଗଲା। ଗୋଦାବରୀଶ ଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା। ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସରମାନଙ୍କୁ ବଦଳି କରାଗଲା । ସେ ପାଉଥିବା ଦଶ ଟଙ୍କା ବୃତିର ପାଚଂ ଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ। ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସ ନେଇ ପାଠପଢିଲେ। କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତି ଖର୍ଚ୍ଚ ପାଇଁ ନଖଟ ହେଲା। ଘର ଖର୍ଚ୍ଚ ପାଇଁ ଆଉ ଟଙ୍କା ପଠାଇ ପାରିଲେ ନାହିଁ। କଟକରେ ତରୁଣ ଉତ୍କଳ ସଂଘ ଗଠନ କରାଗଲା। ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟ କଲେ। ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ। ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ। ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ ଟଙ୍କିଆ ବୃତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେ ଏମ୍.ଏ ପାଠ ପଢିଲେ। ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ ରେଳ ଷ୍ଟେସନରେ ପ୍ରାୟ ପାଚଂ ହଜାର ଲୋକ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉନଥିଲା।

ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନ ଦୁଃଖ କରିଥିଲେ। କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତ ବିଦେଶରେ ଶିକ୍ଷା ସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ। ଦୀର୍ଘ ୩୦୦ ମାଇଲ ଦୂରରୁ ଦୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତା ମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ। ଏଣେ ଓଡିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ। ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା। ଆଇନ ପାଠ ଶେଷ କରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସିଧା ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ। ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ। ତିନି ବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନଂ ନେଲେ। ସେଠାରେ 'ପୁରୁଷୋତମ' ନାଟକ ରଚନା କରି ପ୍ରକାଶ କରିଥିଲେ। ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ।

ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମ କରିବା ପଇଁ ୧୯୧୯ ମସିହାରେ ଅଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ। ଓଡିଆ ଭାଷ ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧର ପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ। ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିଳ୍ପର ଉନ୍ନତି ପାଇଁ ଭୁବନାନନ୍ଦ ଦାସ , ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟ ଶିଳ୍ପ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ। ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରିଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ। ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିଲେ। ପାରଳା ମହାରାଜ ଓ ଗୋଦାବରିଶ ଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା। ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟହେଲେ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତ୍ୟିକ ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ। ତଙ୍କର 'କାଳିଜାଈ' କବିତା ବେଶ ଲୋକପ୍ରିୟ। ସେ କିଛି ଦିନ ସମାଜର ସମ୍ପାଦକ୍ ଥିଲେ। ବିହାର ଓଡିଶା କାଉନସିଲ୍‌ର ସଭ୍ୟ ହୋଇଥିଲେ।

ଗୋଦାବରିଶ ବ୍ରିଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ। ସର୍ବମୋଟ ୧୧ ବର୍ଷ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗ କରି ସେ ଚାଲିଗଲେ ଅମର ପୁରକୁ । ଓଡିଆ ମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୁକ ଦେଖାଇ ନିଜେ ଲିଭି ଯାଇଥିଲେ। ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ,କବି ଓ ଲେଖକ।

+ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫

# ବାପା'ମାଙ୍କ ନିଦ ହଜାଉଛି ପିଲାଙ୍କ ପାଠପଢ଼ା

ଯୁଧିଷ୍ଠିର ମହାରଣା



ପିଲାଙ୍କ ପାଠପଢ଼ା ଚିନ୍ତାରେ ବାପା ମା'ଙ୍କ ଆଖିରୁ ନିଦ ହଜିଗଲାଣି। ପିଲାଙ୍କ ପାଠପଢ଼ାକୁ ନେଇ ଆରମ୍ଭ ହୋଇଛି ପ୍ରତିଯୋଗିତା। କାହା ପିଲା କେଉଁ ଦାମୀ ସ୍କୁଲରେ ପଢୁଛି ସେଇଥିରୁ ବାପା ମା'ଙ୍କ ମୂଲ୍ୟାୟନ କରାଯାଇପାରୁଛି। ଆଜିର ସମୟ ଟିକେ ଦେଖନ୍ତୁ। ତଥାକଥିତ କନଭେଣ୍ଟ ସ୍କୁଲ ଓ ବଡ଼ ସ୍କୁଲରେ ପଢୁଥିବା ପିଲମାନଙ୍କ ପାଠ୍ୟଖସଡ଼ା ଓ ପାଠପଢ଼ା ସରଞ୍ଜାମ ତଥା ତା'ର ବଜାର ମୂଲ୍ୟ ଆଖି ତରାଟ କରିଦେଲା ପରି। ନାମ ଲେଖାବେଳେ ଲକ୍ଷେ ଲକ୍ଷେ ଟଙ୍କା ଡୋନେସନ, ପରବର୍ତ୍ତୀ ସମୟରେ ଦାମୀ ବହି ଓ ଟ୍ୟୁସନ। ଏହାସହ ପିଲାଟି କେଉଁଠି କୋଚିଂ ନେବ? କେଉଁଠୁ ସମ୍ଭ୍ରାନ୍ତ ପୋଷାକପତ୍ର କିଣିବ ଏସବୁ ବାପ ମା'ଙ୍କ ପାଇଁ ଦାୟିତ୍ୱ ସହ ବଡ଼ ବୋଝ ମଧ୍ୟ ପାଲଟି ଗଲାଣି। ବଡ଼ ସ୍କୁଲରେ ନାମ ନ ଲେଖାଇଲେ ପିଲାମାନଙ୍କ ଭିତରେ ଏକ ପ୍ରକାର ଗରିବ ଓ ଅଭାବୀ ମାନସିକତା ମଧ୍ୟ ସେମାନଙ୍କ ପାଇଁ ଏକ ମନସ୍ତାତ୍ତ୍ୱିକ ଯନ୍ତ୍ରଣା କହିଲେ ଅତ୍ୟୁକ୍ତି ହେବନାହିଁ। ଯଦି ସରକାରୀ ସ୍କୁଲରେ ପିଲାଏ ପଢୁଛନ୍ତି ସେ ବାପା ମା' ସେତେଟା ସମ୍ଭ୍ରାନ୍ତ ଶ୍ରେଣୀର ନୁହଁନ୍ତି ବୋଲି ବାରି ହୋଇପଡୁଛି। ତେଣୁ କେହି ଚାହୁଁନାହାନ୍ତି ସେଇ ବର୍ଗର ରହିବାକୁ। ଏଇ କାରଣରୁ ହିଁ ସରକାରୀ ସ୍କୁଲରେ ପିଲାଙ୍କର ଅଭାବ ଦେଖାଦେଇଛି। ସବୁବେଳେ ଯେ ସରକାରୀ ସ୍କୁଲରେ ପାଠପଢ଼ାର ମାନ କମ ଏକଥା କହିବା ଉଚିତ ନୁହେଁ। ଏବେ ସମସ୍ତେ ପାରୁ ପର୍ଯ୍ୟନ୍ତ ପିଲାଙ୍କୁ ନାମୀ ଦାମୀ ସ୍କୁଲରେ ପଢାଇବାକୁ ଚାହୁଁଛନ୍ତି ନିଜର ଏକ ପ୍ରତିଷ୍ଠା ଏବଂ ସାମାଜିକ ପରିଚୟ ସୃଷ୍ଟି କରିବା ଚାହୁଁଛନ୍ତି। ଗତ ମାସରେ ଉତ୍ତର ପ୍ରଦେଶରେ ଏକ ନାମୀ ଓ ପ୍ରତିଷ୍ଠିତ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବାପା ଓ ମାଆଙ୍କ ଭିତରେ କଥା କଟାକଟି ଓ ଏହି ପ୍ରସଙ୍ଗକୁ ନେଇ ଅଭାବନୀୟ ଭାବରେ ଏକ ଦୁର୍ଘଟଣା ସଂଗଠିତ ହୋଇ ମାଆଙ୍କର ଅକାଳରେ ଜୀବନ ଚାଲିଯାଇଥିଲା। କାରଣ ମାଆ ଏକ ପ୍ରକାର ଜିଦ କରିଥିଲେ ଏକ ବଡ଼ ବିଦ୍ୟାଳୟରେ ତାଙ୍କ ପିଲାର ନାମ ଲେଖାଇବା ପାଇଁ ଯାହାକୁ ଅଭାବୀ ବାପ ଜଣଙ୍କ ସମର୍ଥ ହୋଇନଥିଲେ। ଦେଖନ୍ତୁ ବିଦ୍ୟାଳୟରେ ନାମ ଲେଖା କଥାକୁ ନେଇ କିପରି ଏକ ଜୀବନ ଅକାଳରେ ଚାଲି ଗଲା।

ବାପା ମା'ଙ୍କ ସ୍ୱପ୍ନ ପିଲାଙ୍କ ଉପରେ ଥୋପି ଦିଆଯାଉଛି। ବାପା ମା' ସେମାନଙ୍କ ସମୟରେ ଯାହା ସ୍ୱପନ୍ନ ଦେଖିଥିଲେ ସେ ସ୍ୱପ୍ନ ପିଲାଙ୍କ ଜରିଆରେ ସାକାର କରାଇବାକୁ ଚାହୁଁଛନ୍ତି ଆଜିର ବାପା ମା'। ଏଇ କାରଣରୁ ରାଜସ୍ଥାନର କୋଟାଠାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେଉଥିବା ପିଲାମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ପିଲାଙ୍କୁ ଉଚ୍ଚଶିକ୍ଷା ଦେଇ ସେମାନଙ୍କୁ ଏକ ସମ୍ଭ୍ରାନ୍ତ ବର୍ଗରେ ସାମିଲ କରିବା ପାଇଁ ବାପା ମା'ଖୁବ କଷ୍ଟ ମଧ୍ୟ କରୁଛନ୍ତି। ପିଲାଏ ସେମାନଙ୍କ ମନଲାଖି ଉପଯୁକ୍ତ ଚାକିରି ପାଇ ବାପା ମା'ଙ୍କୁ ଛାଡ଼ି ବିଦେଶକୁ ଚାଲିଯିବା ପରେ ବାପା ମା'ଙ୍କ ପାଖରେ ପସ୍ତେଇବା ଛଡ଼ା ଅନ୍ୟ କୌଣସି ଉପାୟ ରହୁନାହିଁ। ଖୁବ ଛଳନାର ହସ ସେମାନେ ହସୁଛନ୍ତି ପିଲାଙ୍କ ସଫଳତାକୁ ଦେଖି। ବାପା ମା' କେବେ ବି ଜାଣିବାକୁ ଚେଷ୍ଟା କରୁନାହାନ୍ତି ପିଲାଟି ତାଙ୍କର କ'ଣ ଚାହୁଁଛି, ତା'ର ଇଚ୍ଛା କ'ଣ? ସିଏ ଡାକ୍ତର, ଇଞ୍ଜିନିୟର ହେବାକୁ ଚାହୁଁଛି ନା ଆଉ କିଛି? ଅନେକ ସମୟରେ ଦେଖାଯାଇଥାଏ ବାପା ମାଆଙ୍କ ନିଜ ଜୀବନର ଇଚ୍ଛା ପିଲାଟି ଉପରେ ଏକ ପ୍ରକାର ଲଦି ଦିଆଯାଏ। ଯାହାଦ୍ୱାରା ପିଲାଟି ଇଚ୍ଛା କରୁଥିବା ପାଠ୍ୟକ୍ରମରେ ନିଜେ ସାମିଲ ହୋଇପାରି ନଥାଏ। ତା ଇଚ୍ଛା, ତା ସ୍ୱପ୍ନ, ତା ସାମର୍ଥ୍ୟ ସବୁକିଛି ଯେପରି ଏକ ପ୍ରକାର ସମାଧି ନେଇଯାଏ। ତେଣୁ ପ୍ରଶ୍ନ ଉଠୁଛି ବାପା ମାଆ ମାନେ ନିଜ ଇଚ୍ଛା ବା ସ୍ୱପ୍ନକୁ ପିଲାମାନଙ୍କ ଉପରେ ଲଦି ଦେବା ପାଇଁ କାହିଁକି ଚେଷ୍ଟା କରିଥାନ୍ତି?

ଆଜିକାଲି ଅନେକ ପ୍ରକାର ପାଠ୍ୟକ୍ରମ ଆସିଗଲାଣି। ପରିବର୍ତ୍ତିତ ସମୟ ଏବଂ ଚାହିଦାକୁ ଚାହିଁ ନୂଆ ନୂଆ ପାଠ୍ୟକ୍ରମ ସୃଷ୍ଟି ହେଲାଣି। ଏମିତି ଅନେକ ପାଠ୍ୟକ୍ରମ ଏବେ ଉପଲବ୍ଧ ହେଉଛି ଯାହା ପୂର୍ବରୁ ନଥିଲା। ଡାକ୍ତର ହେବା ପାଇଁ ଏମବିବିଏସ ପଢ଼ିବାର ଆବଶ୍ୟତା ଥିବା ସମୟରେ ଡାକ୍ତରଖାନା ଚଳେଇବା ପାଇଁ ମେଡ଼ିକାଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଏବେ ଉପଲବ୍ଧ। ତେଣୁ ପିଲାଟି କ'ଣ ଚାହୁଁଛି ଏବଂ କେଉଁଥିରେ ସିଏ ଖୁସି ହୋଇପାରିବ ଏବଂ କେଉଁ ପାଠକୁ ସିଏ ସହଜରେ ଆୟତ୍ତ କରିପାରିବ ସେ ନିଷ୍ପତ୍ତି ପିଲାଙ୍କ ଉପରେ ଛାଡ଼ିଦେବା ଉଚିତ ହେବ ବୋଲି ଶିକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି। ବାପା ମା'ଙ୍କ ଇଚ୍ଛା ପିଲାମାନଙ୍କ ଉପରେ ଲଦିଦେବା ଫଳରେ ସେମାନେ ଅନେକ ସମୟରେ ଡିପ୍ରେସନ ଭିତରୁ ମଧ୍ୟ ଚାଲିଯାଉଛନ୍ତି। ଏଇ କାରଣରୁ ଯୁବ ବର୍ଗଙ୍କ ଭିତରେ ଆତ୍ମହତ୍ୟାର ପ୍ରବଣତା ବଢ଼ିବାରେ ଲାଗିଛି।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା ମହାରାଷ୍ଟ୍ର ଚନ୍ଦ୍ରପୁରର ଜଣେ ୧୯ ବର୍ଷୀୟ ଛାତ୍ର ନିଟ ପରୀକ୍ଷାରେ ୯୯.୯୯ ପ୍ରତିଶତ ନମ୍ବର ରଖିଥିବା ପରେ ମଧ୍ୟ ଆତ୍ମହତ୍ୟା କରିଥିବାର ଖବର ପ୍ରକାଶ ପାଇଛି। ଛାତ୍ରଜଣକ ଏକ ମେଡ଼ିକାଲ କଲେଜରେ ଏମବିବିଏସ ପାଇଁ ନାମ ଲେଖାଇବା ଦିନ ହିଁ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ଏକ ଆତ୍ମହତ୍ୟା ନୋଟ ପାଇଛି, ଯେଉଁଥିରେ ଉକ୍ତ ଛାତ୍ର ଡାକ୍ତର ହେବାକୁ ଚାହୁଁନଥିବା ପ୍ରକାଶ କରିଛନ୍ତି। ମୃତ ଛାତ୍ର ଜଣକ ନାଁ ଅନୁରାଗ ଅନୀଲ ବୋରକର ବୋଲି ଚିହ୍ନଟ କରାଯାଇଛି। ଅନୁରାଗ ନିଟ/ୟୁଜି-୨୦୨୫ ପରୀକ୍ଷାରେ ୯୯.୯୯ ପ୍ରତିଶତ ସ୍କୋର କରିଥିଲେ। ଅନୁରାଗ ଓବିସିରେ ୧୪୭୫ତମ ସ୍ଥାନ ହାସଲ କରିଥିଲେ ଏବଂ ବୁଧବାର ଦିନ ଏହି ପାଠ୍ୟକ୍ରମରେ ଯୋଗଦେବାକୁ ପ୍ରସ୍ତୁତ ହୋଇଥିଲେ। ଅନୁରାଗ ଉତ୍ତର ପ୍ରଦେଶର ଗୋରଖପୁରରେ ଥିବା ସରକାରୀ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇଥିଲେ। କିନ୍ତୁ କଲେଜରେ ଯିବା ପୂର୍ବରୁ ଅନୁରାଗଙ୍କୁ ତାଙ୍କ ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା ଏବଂ ସୁଇସାଇଡ ନୋଟରେ ସେ ଲେଖି ଯାଇଛନ୍ତି - ମୁଁ ଡାକ୍ତର ହେବାକୁ ଚାହେଁନାହିଁ। ଏ ଖବରରୁ ଏତିକି ଜାଣି ହେଉଛି, ପିଲାଟି ଉପରେ ନିଶ୍ଚିତ ଭାବରେ ଡାକ୍ତର ହେବା ପାଇଁ ବାପା ମା'ଙ୍କର ଚାପ ରହିଥିଲା।

ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ପିଲାଟିର ସାମର୍ଥ୍ୟ, ତା'ର ସ୍ୱପ୍ନ ଓ ତାର ସାମର୍ଥ୍ୟକୁ ଦେଖି ଶିକ୍ଷା କ୍ଷେତ୍ର ଚୟନ କରନ୍ତୁ। ଜୀବନରେ ଏକ ନିର୍ଦ୍ଦିଷ୍ଟ ଅଧ୍ୟୟନ ବା ବୃତ୍ତି ସବୁ କିଛି ଗୁରୁତ୍ୱପୂର୍ଣ୍ଣ ହୋଇନଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପିଲାଟିକୁ କେଉଁପରି ଭାବରେ, କେଉଁ ସଂସ୍କାର ଦେଇ ଆପଣ ତିଆରି କରୁଛନ୍ତି। ପିଲାଟି ଆପଣଙ୍କ ଆପଣଙ୍କ ପରିବାରର ଯେ ଏକ ମୂଲ୍ୟବାନ ସମ୍ପତ୍ତି ଏବଂ ସେହି ପିଲାଟି ମଧ୍ୟ ଜୀବନରେ ତା' ଇଛାଧୀନ କୌଣସି କ୍ଷେତ୍ରକୁ ବାଛି ଜୀବନ ନିର୍ବାହ କରିବା ସହ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ସାଜିପାରେ। ଏ ଦିଗକୁ ଅଣଦେଖା କରିବା ଅନୁଚିତ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ: ୯୪୩୭୧୬୩୫୨୮




## ଭସା ବାଦଲକୁ ଭରସା ନାହିଁ

ନିରଞ୍ଜନ ସାହୁ

ସିଏ ଆସିଥିଲା ସିଏ ଚାଲିଗଲା
ଫେରିବାର କଥା କହି
ଫେରିବ କି ନାହିଁ ସିଏ ଏକା ଜାଣେ
ଥାଅ ଅପେକ୍ଷାରେ ରହି ।
ଏମିତି ତ କେତେ ପ୍ରତିଶ୍ରୁତି ଦେଇ
ସବୁ ତ ଦେଇଛି ଫାଙ୍କି
ଆଉ ପ୍ରତାରଣା ନ କରିବ ଭାବି
ବସ ନାହିଁ ସ୍ୱପ୍ନ ଆଙ୍କି
ସହଜରେ ତାକୁ ବିଶ୍ୱାସ କରିଲେ
ପରାଣ ହୋଇବ ଦହି ।
ଉପରେ ଉପରେ ସରଳିଆ ଭାରି
ଭିତରେ ସେ ସାଙ୍ଘାତିକ
ଥାଳ ଭରିଦେବ କହିଦେଇ ସିଏ
ଦେବ ନାହିଁ ମୁଠେ ଭିକ
ଏମିତି ଭାବରେ ଚୋଟ ମାରିଦେବ
ସେ ଜ୍ୱାଳା ହେବନି ସହି ।
ଏମିତି ଭାବରେ ଯିବା ଆସିବାରେ
ଯଦି ହୋଇଥାଏ ଦେଖା
ମନେପକାଇବ ଡେଇଁ ଯାଇଛି ସେ
ସମ୍ପର୍କ ଲକ୍ଷ୍ମଣ ରେଖା
ତାହାରି କଥାକୁ ଗ୍ରହଣ ନ କରି
ଫେରିଆସ ଦୟାବହି ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## କବି ରାଜେନ୍ଦ୍ର ଗଜାନନ ମିଶ୍ର

ନା, ଆପଣ
ଯିବା ଲୋକ ନୁହଁ।
ହଁ, ଅଛନ୍ତି ଆପଣ !

ନା ରାତି, ନା ଦିନ
କାହାକୁ ବି ହେଉ ନି
କହି ଖୋଜି ଆଣ।
ଏ ଲୋକ ହୁଏ ନି ଶୂନ୍ୟ !

ଅଚାନକ ପରିଦର୍ଶନ
ଅଚାନକ ପ୍ରତ୍ୟାବର୍ତ୍ତନ
ଅଚାନକ ଗସ୍ତରେ ଆପଣ !

ଆଉ ହଁ, କବିତାମାନ
ଏଇଠି ଏମିତି ଅନାମ
ପୁଣି ଗୋଲାମ, ଯାହାରେ
ଛଟପଟ ଜୀବନ। ଏମିତି
ଏଇଠି ଖୋଲାମେଲା ସ୍ଥାନ।

+ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ: ୯୪୩୭୩୬୬୬୪୪





ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୨୫ ଅକ୍ଟୋବର ୨୦୨୫


# ଆସକ୍ତି ମଧ୍ୟ ଦୁଃଖର କାରଣ

## ସନ୍ତୋଷ କୁମାର ଅଦାବର

ଘଞ୍ଚ ଅରଣ୍ୟ ମଧ୍ୟରେ ଗୁରୁ କୁଳାଶ୍ରମଟିଏ ଥାଏ । ଗୁରୁ ପ୍ରତ୍ୟହ ନିଜର ଶିଷ୍ୟଗଣଙ୍କୁ ଶିକ୍ଷାଦାନ ସହ କିଛି ଉପଦେଶମୂଳକ ବିଷୟ ଦୃଷ୍ଟାନ୍ତ ମାଧ୍ୟମରେ ଦେଇ ଥାଆନ୍ତି । ସେଦିନର ବିଷୟ ଥିଲା ଆସକ୍ତି କିପରି ମନୁଷ୍ୟର ଦୁଃଖର କାରଣ । ବିଷୟଟିକୁ ଗୁରୁ ଜଣକ ଠିକ୍ ଭାବରେ ବୁଝାଇବା ପାଇଁ ଏକ କ୍ଷୁଦ୍ର କାହାଣୀ କହିଲେ।

ଗୋଟିଏ ଗାଆଁରେ ଜଣେ ଧନୀ ଲୋକ ଥିଲେ । ନାମ ତାଙ୍କର ମହେଶ । ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ। ସେମାନେ ଯୁବକ ଯୁବତୀ ଅବସ୍ଥାରେ । ମହେଶ ବାବୁଙ୍କର ଧନ ପ୍ରତି ଭାରି ଆସକ୍ତି । ସେ ମୂଲ୍ୟବାନ ଦ୍ରବ୍ୟ ତଥା ପଥରରେ ନିର୍ମିତ ଗୋଟିଏ ହାର ସବୁବେଳେ ପିନ୍ଧୁଥିଲେ । ସେ ହାରଟିକୁ ସେ ବହୁତ ଭଲ ପାଉଥିଲେ।

ଧନ ତ ସବୁ ଦିନ ପାଇଁ ରହେ ନାହିଁ । କିଛି ଦିନ ପରେ କୌଣସି କାରଣରୁ ତାଙ୍କର



ଅର୍ଜିତ ଧନ ଧିରେ ଧିରେ ସରିବାରେ ଲାଗିଲା । ଶେଷକୁ ତାଙ୍କର ସେ ପ୍ରିୟ ହାରଟି ରହିଲା । ଦିନେ ସେ ହାରଟିକୁ ତାଙ୍କର ଶୋଇଥିବା ଘରେ ରଖି ଶୋଇପଡ଼ିଥିବା ସମୟରେ ତାହା ଚୋରି ହୋଇଗଲା । ପରଦିନ ସକାଳୁ ନିଦରୁ ଉଠି ସେ ଦେଖିଲେ ହାରଟି ନାହିଁ । ଜାଣିବାକୁ ପାଇଲେ ହାରଟି ଚୋରି ହୋଇଯାଇଛି । ଅତ୍ୟନ୍ତ ଦୁଃଖରେ ଭାଙ୍ଗିପଡ଼ି ସେ କାନ୍ଦିବାକୁ ଲାଗିଲେ । ଏହା ଦେଖି ତାଙ୍କର ସାହି ପଡ଼ିଶା ଘର ଲୋକ ସବୁ ରୁଣ୍ଡ ହୋଇଗଲେ । ମହେଶ ବାବୁଙ୍କ ପୁଅ ଦେଖିଲା ଯେ ତା'ର ବାପାଙ୍କର ଅବସ୍ଥା ଏତେ ଖରାପ ଯେ ତାଙ୍କର କିଛି ବି ହୋଇଯାଇପାରେ । ସେ ଖାଲି କାନ୍ଦୁଥାଆନ୍ତି । ତେଣୁ ପୁଅ ତା'ର ବାପାଙ୍କ ପାଖକୁ ଯାଇ କାନ ପାଖରେ କିଛି କହିଦେବାରୁ ମହେଶ ବାବୁଙ୍କର କାନ୍ଦ ହଠାତ ବନ୍ଦ ହୋଇଗଲା । ତାଙ୍କ ମୁହଁରେ ହସ ଦେଖା ଦେଲା ।

ମହେଶ ବାବୁଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖି ସେଠାରେ ଉପସ୍ଥିତ ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ । କିଛି ସମୟ ପରେ ତାଙ୍କର ଝିଅ ଯିଏକି ପୂର୍ବ ଦିନ କୌଣସି କାମରେ ବାହାରକୁ ଯାଇଥିଲା ସେତେବେଳେ ସେଠାକୁ ଆସି ସବୁ କଥା ଶୁଣିଲା ଏବଂ ଆଶ୍ଚର୍ଯ୍ୟ ହୋଇଗଲା । ଝିଅଟି ତା'ର ବାପାଙ୍କ ପାଖକୁ ଯାଇ ତାଙ୍କର କାନରେ କିଛି କହିଦେଲା । ଝିଅର କଥାଶୁଣି ମହେଶ ବାବୁ ପୁଣି ଭୋ ଭୋ ହୋଇ କାନ୍ଦି ଉଠିଲେ । ସେଠାରେ ଉପସ୍ଥିତ ଲୋକମାନେ ପୁଣି ଆଶ୍ଚର୍ଯ୍ୟ ହୋଇଗଲେ ମହେଶ ବାବୁଙ୍କର କାନ୍ଦିବାର ଦେଖି ।

ଗୁରୁ ଜଣକ ଶିଷ୍ୟଗଣଙ୍କୁ କଥାଟି କହୁଥିବା ସମୟରେ ଅଳ୍ପ ହସିକି ଟିକିଏ ଅଟକି ଦେଲେ । ଶିଷ୍ୟ ମାନେ କିଛି ବୁଝି ନ ପାରିଲା ଭଳି ହେବାରୁ ଗୁରୁ କହିଲେ- ପ୍ରକୃତରେ ମହେଶ ବାବୁଙ୍କର ଧନ ସମ୍ପଦର ଅବକ୍ଷୟ ଘଟୁଥିବାରୁ ତାଙ୍କର ପ୍ରିୟ ହାରଟିକୁ ବିକି ଦେବା ପାଇଁ ତାଙ୍କର ପୁଅ ଓ ଝିଅ ଜଣେ ଜମିଦାର ସହ ଦରଦାମ ମୂଲଚାଲ କରିଥିଲେ । ପୁଅଟି କେବଳ ଜାଣିଥିଲା ଯେ ହାରଟି ବିକ୍ରି ହୋଇଯିବ । ସେ କଥା ସେ ମହେଶ ବାବୁଙ୍କ କାନରେ କହିଦେବାରୁ ମହେଶ ବାବୁଙ୍କ କାନ୍ଦ ବନ୍ଦ ହୋଇ ଖୁସିର ଲହରୀ ଖେଳିଯାଇଥିଲା ତାଙ୍କର ମୁଖମଣ୍ଡଳରେ । କିନ୍ତୁ ହାରଟିର ଦାମ୍ ବାବଦକୁ ଅର୍ଥ ସେମାନେ ଆଦୌ ପାଇ ନ ଥିବା କଥା ଝିଅଟି ଜାଣିଥିଲା । ସେହି କଥା ଝିଅଟି ମହେଶ ବାବୁଙ୍କ କାନରେ କହିଦେଲା। ତାହା ଶୁଣି ପୁଣି ମହେଶ ବାବୁ କାନ୍ଦିବାକୁ ଲାଗିଲେ । କାରଣ ଦାରିଦ୍ର୍ୟ ଅବସ୍ଥାକୁ ଆସିବା ପରେ ବି ହାରଟି ପ୍ରତି ତାଙ୍କର ଆସକ୍ତି ଥିଲା । ଦୁଃଖର ଯେତେ ସବୁ କାରଣ ରହିଛି ତନ୍ମଧ୍ୟରୁ ଆସକ୍ତି ମଧ୍ୟ ଗୋଟିଏ । ଏଣୁ ଆସକ୍ତି ଠାରୁ ଦୂରେଇ ରହିଲେ ସବୁ ସହଜ ଲାଗିବ ଏବଂ ଜୀବନ ବଞ୍ଚିବାର ପଥ ସହଜ,ସରଳ ଏବଂ ସୁଗମ ହୋଇପାରିବ ।


+ସୁବର୍ଣ୍ଣପୁର,
ମୋ-୯୭୭୭୯୧୦୭୨୮


# ଶବଦ ଥାଏ ଭିନ୍ନ

## ଧ୍ରୁବ ଚରଣ ଘିବେଲା

ବାଇଦ ବାଜେ ଉଚ୍ଚ ଶବଦେ
ଶୁଭେ ଢାଏଏ ଢାଏ
ଡିଜେ ଗର୍ଜନ ହୃଦୟଥରା
ଘଣ୍ଟ ବାଜଇ ଢାଏଁ ।

ତୁରୀ ମହୁରୀ ପେଁକାଳୀର
ସୁନ୍ଦର ପେଁ ଶବ୍ଦ
ମନ୍ଦିର ଘଣ୍ଟ ବାଜେ ସକାଳେ
ସନ୍ଧ୍ୟାରେ ବି ନିଶ୍ଚିତ ।

ଶୁଭ ଶଙ୍ଖର ସୁନ୍ଦର ଧ୍ୱନି
ଶୁଭ ମଙ୍ଗଳମୟ
ଶଙ୍ଖ ଧ୍ୱନିର ତରଙ୍ଗ ଖେଳି
ଲାଗଇ ଶୁଭମୟ ।

ଗାଡ଼ିର ପୁଣି ଚକ ଫୁଟିଲେ
ଶୁଭେ ଶବଦ ଠାଏ
ପାଟିରେ ପୁଣି କିଏ ଫୁଟାଏ
ଜିଭରେ ଶବ୍ଦ ଠାଏ ।

କଉତୁକିଆ ଶବ୍ଦ ବଢ଼ିଆ
ପାଟିରେ କିଏ କରେ
ପାଟିର ଶବ୍ଦ କିମିଆଁକରା
ମଜା ଥାଏ ସେ ସୁରେ ।

ପଶୁପକ୍ଷୀଙ୍କ ସୁର ଶବଦ
ମଜାଳିଆ ବଢ଼ିଆ
ସୁର ପାଇଁକି କା ପରିଚିତି
ଆଦର ଥାଏ ଥୁଆ ।

ବାଣ ଫୁଟିଲେ ଢୋଓଓ ଢାଆ
ଶବଦ ଖେଳି ବୁଲେ
କେବେ କେଉଁଟି ବାଣ ନ ଫୁଟି
ଫୁସକି ଯାଏ ଭଲେ ।

ସବୁ ବାଇଦ ଅଲଗା ଶବ୍ଦ
ନ ଥାଏଟି ସମାନ
ପଶୁପକ୍ଷୀଙ୍କ ନିଜର ସୁର
ଶବଦ ଥାଏ ଭିନ୍ନ ।


ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬




# ଠାକୁର ଅଛନ୍ତି ଜାଣିବା କେମିତି

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ବସୁକୁ ହେଲାଣି ସାତ ବର୍ଷ । ପଢ଼ିଲାଣି ଦ୍ୱିତୀୟ ଶ୍ରେଣୀରେ । ବାପା ମା'ଙ୍କ ସହ ରହେ ଦିଲ୍ଲୀ ସହରରେ । ଛୁଟିରେ ବୁଲିବାକୁ ଆସିଥିଲା ଜେଜେଙ୍କ ପାଖକୁ ଭୁବନେଶ୍ୱର । ଦିଲ୍ଲୀ ଫେରିଯିବା ପୂର୍ବରୁ ସାରା ପରିବାର ଯାଇଥିଲେ ପୁରୀ । ମନ୍ଦିର ଯାଇ ଜଗନ୍ନାଥ ଦର୍ଶନ କରିବା ଥିଲା ଅସଲ ଉଦ୍ଦେଶ୍ୟ । ଛୋଟ ଥିବା ବେଳେ ବସୁ ମନ୍ଦିର ଯିବାକୁ ଡରୁଥିଲା । ମନ୍ଦିର ଭିତରେ ଥିବା ମୂର୍ତ୍ତି ଓ ମନ୍ଦିର ବାହାରେ ଥିବା ସିଂହ, ବାଘ ଆଦି ଜନ୍ତୁମାନଙ୍କୁ ଦେଖି ସେ ଡରି ଯାଉଥିଲା । ତେଣୁ ମନ୍ଦିର ଭିତରକୁ ପଶିବା ମାତ୍ରେ ଆଖି ବନ୍ଦ କରି କାନ୍ଦୁଥିଲା ।

ଏବେ ବଡ଼ ହୋଇ ଯାଇଥିବାରୁ ତା'ର ସେ ଭୟ ଛାଡ଼ି ଯାଇଥାଏ । ସେ ନଡରି ଠାକୁର ଠାକୁରାଣୀଙ୍କୁ ଦେଖି ହାତ ଯୋଡ଼ି ପ୍ରଣାମ କରୁଥାଏ, ମୁଣ୍ଡ ନୁଆଁଇ ମୁଣ୍ଡିଆ ମାରୁଥାଏ । ଆଗ ମନ୍ଦିର ବେଢ଼ାରେ ବୁଲି ଚାରି ପାଖରେ ଥିବା ଦେବା ଦେବୀମାନଙ୍କୁ ଦର୍ଶନ କରିବା ନିୟମ । ସିଏ ଜେଜେଙ୍କ ହାତ ଧରି ଚାଲୁଥିବା ବେଳେ ଗଣେଶଙ୍କ ପାଖରେ ଥିବା ତାଙ୍କ ବାହନ ମୂଷାକୁ ଦେଖି ଖୁସି ହୋଇଗଲା । ମୁଣ୍ଡିଆ ମାରି ପାଠ ଦେବା ପାଇଁ ପ୍ରାର୍ଥନା କଲା । ଆଉ କିଛି ଦୂର ଯିବା ପରେ ବିମଳାଙ୍କ ମନ୍ଦିର ପାଖରେ ବିରାଡ଼ିଟିଏ ଦେଖି ତା' ପଛରେ ଗୋଡ଼ାଇଲା । ଛୋଟ ବେଳୁ ବସୁର ବିରାଡ଼ି ଦେଖିବାରେ ବଡ଼ ଆଗ୍ରହ । ସେ ଛୋଟ ଥିବା ବେଳେ ଜେଜେ ତାକୁ ବାହାରେ ବୁଲାଇ, ବିରାଡ଼ି ଦେଖାଇ, ଖାଇବା ଖୁଆଇ ଦେଉଥିଲେ ।

ସେମାନେ ଲକ୍ଷ୍ମୀଙ୍କ ମନ୍ଦିର ଭିତରେ ମା'ଙ୍କୁ ଦର୍ଶନ କରିସାରି ବାହାରେ କିଛି ସମୟ ବସିଥିଲେ । ସେତେବେଳେ ବସୁ ବଡ଼ ଆଗ୍ରହ ସହିତ ପଚାରିଲା, "ଜେଜେ ଲୋକମାନେ ଆଗ କେମିତି ଜାଣିଲେ ଭଗବାନ ଅଛନ୍ତି ବୋଲି ?" ଇୟେ ତ ଗୋଟିଏ ଜଟିଳ ପ୍ରଶ୍ନ । ଜେଜେ ଚିନ୍ତା କରୁଥିଲେ କ'ଣ ଜବାବ ଦେବେ ! ସେ ଜାଣିଥିବା, ଶୁଣିଥିବା ପୁରାଣ କଥା କିଛି କହି ତା' ପ୍ରଶ୍ନର ଉତ୍ତର ଦେଇଦେବେ ଭାବୁଥିଲେ । ତା' ଆଗରୁ କହିଲେ, "ଚାଲ ଆଗ ଜଗନ୍ନାଥ ବଳଭଦ୍ର, ସୁଭଦ୍ରାଙ୍କୁ ଦର୍ଶନ କରିବା । ଘରକୁ ଫେରିବା ବାଟରେ ମୁଁ ତୋ ପ୍ରଶ୍ନର ଉତ୍ତର ଦେବି ।" ବସୁ ମାନିଗଲା ।

ସମସ୍ତେ ଯାଇ ମନ୍ଦିରରେ ତିନି ଠାକୁରଙ୍କୁ ଦର୍ଶନ କଲେ । ମୁଣ୍ଡିଆ ମାରି ଦୀପ ଜଳାଇଲେ । ସେଠାରୁ ଯାଇ ଆନନ୍ଦ ବଜାରରେ ବସିଗଲେ ମହାପ୍ରସାଦ ସେବନ କରିବାକୁ । ଅଭଡ଼ା କିଣା ହୋଇ ଆସିଗଲା । ବସୁର କିନ୍ତୁ ଖାଇବାକୁ ଆଦୌ ଇଚ୍ଛା ନଥିଲା । ତା'ର ସବୁବେଳେ ଖାଇବାରେ କୁଣ୍ଠାବୋଧ । ସମସ୍ତେ ବସି ଖାଉଥିବା ବେଳେ ବସୁ କିଛି ବି ପାଟିକୁ ନେଉ ନଥାଏ । ଏତିକି ବେଳେ କେଉଁଠୁ ଆସି ବିରାଡ଼ି ଟିଏ ସେଠାରେ ବସିଗଲା। କିଛି ଖାଇବାକୁ ଆସିଛି ଭାବି ଯାହା ଦେଲେ ବି କିଛି ଖାଉ ନଥାଏ କି ସେଠାରୁ ଯାଉ ନଥାଏ । ତାକୁ ଦେଖି ଜେଜେ କହିଲେ, "ଦେଖ ବସୁ କଳା ଠାକୁର ଏ ବିରାଡ଼ିକୁ ପଠାଇଛନ୍ତି ଦେଖିବା ପାଇଁ ତାଙ୍କ ପ୍ରସାଦ ତୁ ଖାଉଛୁ କି ନାହିଁ ।" ତା' ପରେ ବିରାଡ଼ିକୁ ଦେଖି ବସୁ କିଛି କିଛି ଖାଇବାକୁ ଲାଗିଲା । ସେ ଖାଇ ସାରିବା ଯାଏ ବିରାଡ଼ିଟି ତାଙ୍କ ପାଖରେ ସେଇଠି ସେମିତି ବସିଥାଏ । କିଛି ଖାଉ ନଥାଏ କି ସେଠାରୁ ଉଠି ଆଉ କୁଆଡ଼େ ଯାଉ ନଥାଏ । ଆଖ ପାଖରେ ବସି କେତେ ଲୋକ ମହାପ୍ରସାଦ ପାଉ ଥିଲେ ବି ସେ ବିରାଡ଼ି ଆଉ କାହା ପାଖକୁ ଯାଉ ନଥାଏ।

ଯେମିତି ବସୁର ଖାଇବା ସରିଗଲା ବିରାଡ଼ିଟି ସେଠାରୁ ଉଠି କୁଆଡ଼େ ଚାଲିଗଲା । ଆଉ କେଉଁଠି ହେଲେ ବି ଦେଖା ଯାଉ ନଥାଏ । ଅନ୍ୟ କାହା ପାଖକୁ ଯାଇ ନଥିଲା କି ଆଖ ପାଖରେ ଦେଖା ଯାଉନଥିଲା । ସତରେ ସେ ଘଟଣା ଆଶ୍ଚର୍ଯ୍ୟଜନକ ଥିଲା । ବସୁର ହୃଦବୋଧ ହେଲା ସତରେ କଳା ଠାକୁର ସେ ବିରାଡ଼ିଟିକୁ ପଠାଇଥିଲେ ଦେଖିବା ପାଇଁ ସେ ଖାଉଛି କି ନାହିଁ ! ମନ୍ଦିରରୁ ଫେରିବା ବେଳେ ସିଏ ଅନ୍ୟମାନଙ୍କୁ ଦେଖି ବାଇଶି ପାହାଚରେ ଗଡ଼ିବାକୁ ଲାଗିଲା । ତଳ ପାହାଚ ଯାଏ ନପହଂଚିବା ଆଗରୁ ଯେତେ କହିଲେ ବି ଉଠୁ ନଥାଏ । ଜେଜେଙ୍କୁ ଆଉ କୌଣସି କାହାଣୀ କହିବା କିମ୍ବା ଉଦାହରଣ ଦେବା ଆବଶ୍ୟକ ପଡ଼ିଲା ନାହିଁ । ବସୁ ବୁଝି ଯାଇଥିଲା ଭଗବାନ ଅଛନ୍ତି ଏବଂ ସେ କେଉଁ ରୂପରେ ବି ଦେଖା ଦେଇ ପାରନ୍ତି।


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# ମୋ ଗାଁ ମାଟି ମାଆ କୋଳେ

## ସୁନନ୍ଦା ମହାନ୍ତି





ଡକ୍ଟର କଲାମ ରାଷ୍ଟ୍ରପତି ଥିବାବେଳେ ଥରେ ସେ କନୁର ଗସ୍ତରେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଯେତେବେଳେ ଜାଣିବାକୁ ପାଇଲେ ସେଠାର ମିଲିଟାରୀ ହସ୍ପିଟାଲର ଫିଲ୍ଡ ମାର୍ଶାଲ ସାମ ମାନେକ୍ସା ଚିକିତ୍ସିତ ହେଉଛନ୍ତି , ସେ ତାଙ୍କୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କଲେ। ରାଷ୍ଟ୍ରପତିଙ୍କର ସ୍ଥିରୀକୃତ ଗସ୍ତ ସୂଚୀରେ ଏହା ନଥିବାରୁ ତୁରନ୍ତ ବ୍ୟବସ୍ଥା କରାଗଲା। ଡକ୍ଟର କଲାମ ମାନେକ୍ସା ସାହାବଙ୍କ ବିଛଣା ପାଖରେ ତାଙ୍କ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସମ୍ବନ୍ଧରେ ପଚରାପଚରି କଲେ। ତାଙ୍କ ପାଖରେ ପନ୍ଦର ମିନିଟ ପର୍ଯ୍ୟନ୍ତ ରହି ପରେ ବାହାରିବା ସମୟରେ 'ଆପଣ ଖୁସିରେ ଅଛନ୍ତି ତ ? ନା ମୋତେ କିଛି କରିବାକୁ ପଡ଼ିବ ! ଆପଣଙ୍କର କିଛି ଅଭିଯୋଗ ଅଛିକି ? ଆପଣଙ୍କର କିଛି ଅସୁବିଧା ଅଛିକି , ଯାହା ଦୂର ହୋଇ ପାରିଲେ ଆପଣ ଅଧିକ ଖୁସି ହେବେ ?

ସାମ ମାନେକ୍ସା କହିଲେ, ହଁ ମହାମହିମ, ମୋର ଗୋଟିଏ ଅଭିଯୋଗ ଅଛି। ଦୁଃଖିତ ଏବଂ ଆଚମ୍ବିତ ହେଇଗଲେ ରାଷ୍ଟ୍ରପତି କଲାମ। ଏହି ଅଭିଯୋଗ କଣ ବୋଲି ସେ ସାମ ମାନେକ୍ସାଙ୍କୁ ପଚାରିଲେ। ସେ ଉତ୍ତରରେ କହିଲେ , ମୋର ଅଭିଯୋଗ ଓ ଦୁଃଖ ହେଉଛି ଯେ ମୁଁ ମୋ ପ୍ରିୟ ଦେଶର ଅନନ୍ୟ ଲୋକପ୍ରିୟ ରାଷ୍ଟ୍ର ମୁଖ୍ୟଙ୍କୁ ଠିଆ ହୋଇ ସାଲ୍ୟୁଟ କରି ପାରୁନାହିଁ। କଲାମ ସାହେବ୍ ଜେନେରାଲ ମାନେକ୍ସାଙ୍କ ଦୁଇ ହାତକୁ ଚାପି ଧରିଲେ :..... ଉଭୟଙ୍କ ଆଖିରେ ଲୁହ

ସାମ ମାନେକ୍ସା ପୁଣି କହିଲେ, ମୁଁ ମୋର ପଦବୀ ଫିଲ୍ଡ ମାର୍ଶାଲ ଅନୁସାରେ ଆଜିଯାଏଁ ୨୦ବର୍ଷ ହେଲାଣି ପେନସନ ପାଇ ନାହିଁ। ବିକ୍ଷୁବ୍ଧ ରାଷ୍ଟ୍ରପତି ଦିଲ୍ଲୀ ଫେରିଗଲେ। ଗୋଟିଏ ସପ୍ତାହ ମଧ୍ୟରେ ତାଙ୍କର ବାକିଥିବା ସବୁ ପେନସନ୍ ଅନୁମୋଦନ କରିଦେଲେ। ପ୍ରାୟ ଏକ କୋଟି ୨୫ ଲକ୍ଷ ଟଙ୍କାର ଚେକ୍ ଡିଫେନ୍ସ ସେକ୍ରେଟାରୀଙ୍କ ହାତରେ ଏକ ସ୍ୱତନ୍ତ୍ର ବିମାନ ଦ୍ୱାରା ସାମ ମାନେକସା ଅସୁସ୍ଥ ହୋଇ ଚିକତ୍ସିତ ହେଉଥିବା ଉଟି ସ୍ଥିତ ୱେଲିଂଟନକୁ ପଠାଇ ଦେଲେ। ସେଦିନ ସେ କେତେ ଖୋଲା ହସ ହସିଥିଲେ କେହି ଦେଖିନଥିଲେ କିନ୍ତୁ ଜେଜେମାଙ୍କ ପାଖରୁ କଥାଟି ଶୁଣି କୁନା କୁନି ମୁନା ମୁନି ଖୁବ ଖୋଲା ହସ ହସି କହିଥିଲେ ଆମକୁ ବୈଜ୍ଞାନିକ ତଥା ରାଷ୍ଟ୍ରପତି ଏ ପି ଜେ ଅବଦୁଲ କାଲାମଙ୍କ କଥା ଆଉ କୁହନା ଜେଜମାଆ। ହଁ ହଁ କହିବି କହି ଜେଜେମାଆ ସଞ୍ଜ ଦେବା ପାଇଁ ଉଠିଗଲେ।

ଜେଜେ ଓ ଜେଜେମାଆ, ଜେଜେଙ୍କ ଅବସର ପରେ ଗାଁରେ ରହିବାକୁ ସ୍ଥିର କରି ଦିବାକର ବାବୁ ଓ ସୀତା ଦେବୀ ଦୁଇ ପୁଅଙ୍କର ଦୁଇପୁଅ କୁନା ଓ ମୁନାଙ୍କୁ ଆଣି ପାଖରେ ରଖିଛନ୍ତି। ବଡ଼ ବୋହୁ ପ୍ରଥମେ ପ୍ରଥମେ ଘୋର ବିରୋଧ କରିଥିଲା ଜେ ମୋ ପୁଅ କାହିଁକି ଗାଁରେ ରହିବ ବରଂ ବାପା ମାଆ ଆସି ଆମ ପାଖରେ ରୁହନ୍ତୁ। ବଡ଼ ପୁଅ କିଛି ନକହି ମଧ ଅନୁଭବ କରିଥିଲା କି ତା ବାପା ମାଆ ଗାଁରେ ରହି ନାତିକୁ ରଖିଲେ ତା ପୁଅ କୁନାର କିଛି ଅସୁବିଧା ହେବ ନାହିଁ ବରଂ ଆଜିକାଲିର ପିଲାମାନେ ସଂସ୍କୃତି, ସଂହତି, ପରମ୍ପରା ଭୁଲି ଯାଉଥିବା ବେଳେ ପୁଅ କୁନା ସବୁ ଶିଖିବା ସହ ନିଜ ମାତୃଭାଷା ମଧ ଶିଖିପାରି ଜନନୀ ଜନ୍ମଭୂମି ଶ୍ଚ ସ୍ୱର୍ଗଦପୀ ଗରୀୟସୀ ବୋଲି କଣ ବୁଝିବ ଜାଣିବ। ଯୋଉ ସ୍ୱାଧୀନତା ବାପା ମାଆ ଏଠି ରହିଲେ ପାଇବେ ନାହିଁ ବରଂ ରୋଗ ଓ ଦୁର୍ଶ୍ଚିନ୍ତା ମାଡିବସିବ। ସତକୁ ସତ କୁନା ଜେଜେ ଓ ଜେଜେମାଆ ପାଖରେ ରହି ଗାଁ ସ୍କୁଲରେ ପାଠ ପଢିବା ସହ ରଚନା ଲେଖିବା, ଖେଳକୁଦ ପ୍ରତିଯୋଗିତାରେ ଭଗନେଇ ଶରୀର ସୁସ୍ଥ ରଖିବା ଇତ୍ୟାଦି ପରିବେଶ ପାଉଥିଲା। ସାଇକେଲ ଚଳେଇ, ନଇରେ ପହଁରି, ମାଛ, ଗଛ, ପକ୍ଷୀ ଦେଖି ତାଙ୍କ ଚିତ୍ର ଆଙ୍କୁଥିଲା। ସ୍କୁଲ ଯିବା ବାଟରେ ଭୟ ପରିବର୍ତ୍ତେ ସମସ୍ତଙ୍କ ସଙ୍ଗେ ମିଶି ସାମାଜିକତା, ଗଣେଶ ଓ ସରସ୍ୱତୀ ପୂଜାରେ ତଥା ଜାତୀୟ ଦିବସ ଅଗଷ୍ଟ ପନ୍ଦର ଓ ଜାନୁଆରୀ ଛବିଶ ସହିତ ଗାନ୍ଧି ଜୟନ୍ତୀ, ଗୁରୁଦିବସ, ଶିଶୁ ଦିବସ ସହ ଅନେକ ଅଭୁଲା ଦିବସ ପାଳନ କରି ଆମ ଦେଶର ଜାତୀୟ ଦିବ୍ୟପୁରୁଷ ମାନଙ୍କୁ ଚିହ୍ନି ପାରୁଥିଲା। ଏସବୁ ଦେଖି ସାନ ପୁଅ ମଧ ତା ପୁଅ ମୁନାକୁ ଆଣି ବାପା ବୋଉଙ୍କ ପାଖରେ ଛାଡ଼ି ଦୁଇଭାଇଙ୍କୁ ଏକାଠି ରହି ପଢି ବଢି ଓଡିଶା ମାଟି ମାଆର ଗର୍ବ ଗୌରବ ପାଇଁ ଆଗ ନିଜ ଗାଁର ପରିବେଶ ତଥା ପରିମଳ ଠିକ ରଖିଲେ ଓ ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ସ୍ୱର୍ଗୀୟ ସମାନ ଅଟେ ସେଇ ଗାଁ, ଦେଶ ଓ ସହର ବୋଲି ହୃଦବୋଧ କରିବା ସୁଯୋଗ ପାଉଥିଲେ।


+ସାକ୍ଷୀଗୋପାଳ,
ପୁରୀ


# ସେହି ମୁକ୍ତା

## ନୀଳମଣି ଚାନ୍ଦ

ଛଅ ଋତୁ ପାଇଁ ଦିଶଇ ଛବିଳ
ପ୍ରକୃତି ରାଣୀ
ହେମନ୍ତ,ଶିଶିର ଋତୁର ମହିମା
ଅଛ କି ଜାଣି
ସକାଳ ହେଲେ
ତାଙ୍କ ପାଖେ ଥିବା ମୁକ୍ତା ଟୁକୁଡ଼ା
ମୁଣି ଯେ ଖୋଲେ ।

ଯେଉଁଠି ପ୍ରାନ୍ତର ବିଛେଇ ଦିଏରେ
ବିଛେଇ ଦିଏ
ସୂର୍ଯ୍ୟ କିରଣରେ ସଜେଇ ନିଏରେ
ସଜେଇ ନିଏ
ଝଲସେ ଆଖି
ସତ କହୁଛି କି ମିଛ ମୁଁ କହୁଛି
କୁହରେ ଦେଖି ।

ଆଉ କେଉଁ ଋତୁ ଶିଖି ନାହାନ୍ତି ଏ
କିମିଆଁ ପରା
ନ ହେଉ ସେ ଦାମୀ,ନହେଉରେ ସତ
ହସେରେ ଧରା
କି ମନଲୋଭା
ପ୍ରଭାତ ସୁନ୍ଦର, ଆହୁରି ବଢ଼ାଏ
ତାହାର ଶୋଭା ।


ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


# ଦିଅ ଖୋଲି ଦିଅ

## କୀର୍ତ୍ତନ ସାହୁ

ଦିଅ ଖୋଲି ଦିଅ ମନର ମଇଳା
ମନଟି ରହିବ ସୁସ୍ଥ
ମନ ଭଲ ହେଲେ ଦେହ ଭଲ ହେବ
ହେବ ନାହିଁ ତମେ ଦୁସ୍ଥ ।

ଦିଅ ଖୋଲି ଦିଅ ରାଗ ହିଂସା ଦ୍ୱେଷ
ସହଜ ସରଳ ହୁଅ
ଭଲ ଭଲ କଥା କହି ଅନ୍ୟ ସାଥେ
ହୃଦୟ ତାଙ୍କର ଛୁଅଁ ।

ଦିଅ ଖୋଲି ଦିଅ ଅଜ୍ଞାନ ଅନ୍ଧାର
ଜ୍ଞାନାଲୋକ ଦିଅ ଢ଼ାଳି
ଚଲାପଥ ତମ ସୁଗମ ରହିବ
ଆଉ ହେବ ନାହିଁ ଭାଳି।

ଦିଅ ଖୋଲି ଦିଅ ମନରୁ ଦୁର୍ଶ୍ଚିନ୍ତା
ଭଲ କଥା ଚିନ୍ତା କର
ଆଗକୁ ଆଗକୁ ବଢିବା ପାଇଁକି
ହୃଦୟେ ମମତା ଭର ।

ଦିଅ ଖୋଲି ଦିଅ ଏକୁଟିଆ ପଣ
ସାଙ୍ଗ ସାଥୀ ନେଇ ଚଳ
ସଭିଙ୍କ ମେଳରେ କାମ କରୁଥିଲେ
ବଢ଼ି ଯିବ ମନୋବଳ ।


ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ପ୍ରଥମ ବର୍ଷ ବିଏଡ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ ନବସ୍ପନ୍ଦନମ୍ ଆୟୋଜିତ

ଜୟପୁର, ୨୪/୧୦ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ (ବିଏଡ୍) ର ନବାଗତ ଗୁରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱାଗତ ଉତ୍ସବ 'ନବସ୍ପନ୍ଦନମ୍' ମହାସମାରୋହରେ ଆୟୋଜିତ ହୋଇଯାଇଛି । ଉଦଘାଟନୀ ସତ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଶିକ୍ଷକ ଶିକ୍ଷା ବିଭାଗ ସବୁବେଳେ ସ୍ୱତନ୍ତ୍ର ଓ ଅନନ୍ୟ, ଗୁରୁ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଓ ଅନୁଶାସନ ପ୍ରିୟ ହେବା ସହ ଅଧ୍ୟାପକ ଅଧ୍ୟାପିକାମାନେ ସବୁବେଳେ କିଛି ଶିକ୍ଷଣୀୟ କାର୍ଯ୍ୟ ବିଶ୍ୱବିଦ୍ୟାଳୟକୁ ଭେଟି ଦିଅନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବରେ ସ୍ନାତକୋତର ପରିଷଦର ଅଧକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ ଶିକ୍ଷକ ଶିକ୍ଷା ବିଭାଗର କାର୍ଯ୍ୟଧାରା ଓ ଭବିଷ୍ୟତ ଶିକ୍ଷକ ଶିକ୍ଷୟିତ୍ରୀ ନିର୍ମାଣ ପାଇଁ ସେମାନଙ୍କ ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନ ଓ ସହକାରୀ ପ୍ରଫେସର ଲୋକେଶ ପ୍ରଧାନଙ୍କ ଦ୍ୱାରା ସଙ୍କଳିତ ପୁସ୍ତକ ଉନ୍ମୋଚନ ହୋଇଥିଲା । ବିଭାଗୀୟ ମୁଖ୍ୟ ଡଃ. ପ୍ରଧାନ ପୁସ୍ତକ ସମ୍ବନ୍ଧରେ ସମ୍ୟକ ସୂଚନା ଦେବା ସହ ଆଗାମୀ ଦିନରେ ବିଭାଗ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଦ୍ୱିତୀୟ ଅଧିବେଶନରେ ନବାଗତା ଛାତ୍ର ଛାତ୍ରୀମାନଙ୍କ ପରିଚୟ, ରୁଚି ଓ ବିଭିନ୍ନ କ୍ଷେତ୍ରରେ ଥିବା କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଆଲୋଚନା ହେବା ପରେ ମଧାହ୍ନ ଭୋଜନ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଭୟ ବର୍ଷର ଗୁରୁ ଛାତ୍ରଛାତ୍ରୀମାନେ ଗୀତ, ନାଚ, ନାଟକ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବାଗତ ଗୁରୁ ଛାତ୍ରଛାତ୍ରୀମାନଙ୍କୁ ଫୁଲ ଓ ଉପହାର ପ୍ରଦାନ କରାଯାଇଥିଲା ।

ଅମିତ ଓ ଅନନ୍ୟାଙ୍କ ସଂଯୋଜନା, ଲିପ୍ସା, ସୁଶ୍ରୀ, ସୁମିତ୍ରାଙ୍କ ପ୍ରାରମ୍ଭିକ ସଙ୍ଗୀତ ଏବଂ ଅନେକ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିବାର ଦକ୍ଷତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶେଷରେ ଗୁରୁ ଛାତ୍ର ଅଭିଷେକ ଟାଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ପୌରପାଳିକା ଅଦ୍ୱିକା ପ୍ରତିଭା ଚୟନ ଅନୁଷ୍ଠିତ

ପୁରୀ, ୨୪/୧୦ (ନି.ପ୍ର): ପୁରୀ ପୌରପାଳିକା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଅଦ୍ୱିକା କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତିଭା ଚୟନ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରତ୍ୟେକ ପିଲା ମଧ୍ୟରେ ପ୍ରତିଭା ରହିଛି । ଏହାର ଉନ୍ମେଷ ଓ ବିକାଶ ପାଇଁ ପିତା ମାତା, ଅଭିଭାବକ, ଗୁରୁମାନେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନେକ ସମୟରେ ପିଲା ମାନଙ୍କ ପ୍ରତି ଚାପ ସୃଷ୍ଟି କରି ପିତାମାତା ନିଜର ଇଚ୍ଛାକୁ ତାଙ୍କ ଉପରେ ଲଦି ଦିଅନ୍ତି । ଯାହା ତାହାର ପ୍ରାକୃତିକ ପ୍ରତିଭାକୁ ପ୍ରଭାବିତ କରିଥାଏ ବୋଲି କହିବା ସହ ପିଲାଙ୍କ ଇଚ୍ଛା ଓ ଆଗ୍ରହକୁ ସମ୍ମାନ ଦେବାକୁ ଅନୁରୋଧ କରିଥିଲେ ।

## ପାରାଲିଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଆଡଭୋକେଟଙ୍କୁ ଶିଶୁ ଅଧିକାର ସୁରକ୍ଷା ତାଲିମ୍

ପୁରୀ, ୨୪/୧୦ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ୭୦ ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଆଡଭୋକେଟଙ୍କୁ ନେଇ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ତାଲିମ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ପ୍ରଶାସନ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପୁରୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କ୍ଷ ସେ କହିଥିଲେ, ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସେବାଗୁଡିକ ବିଷୟରେ ସଚେତନତା ସୃଷ୍ଟିକରି ଶିଶୁମାନଙ୍କୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିବା ଜରୁରୀ କ୍ଷ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକାରୀ ହେଉଥିବା ସମସ୍ତ ଆଇନ ଯଥା : କିଶୋର ନ୍ୟାୟ ଆଇନ, ଶିଶୁମାନଙ୍କୁ ଯୌନ ଶୋଷଣ ସୁରକ୍ଷା ଆଇନ, ଶିଶୁ ଶ୍ରମ ନିଷେଧ ଅଧିନିୟମ, ବାଲ୍ୟ ବିବାହ ନିଷେଧ ଆଇନ ବିଷୟରେ ବିଷଦ ଆଲୋଚନା ଓ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ, ବିପଦରେ ପଡ଼ିଥିବା ବା ବିପଦ ବଳୟକୁ ଚାଲିଯିବାର ସମ୍ଭାବନା ଥିବା ଶିଶୁ ମାନଙ୍କୁ ଉଦ୍ଧାର, ଥଇଥାନ, ସାମାଜିକ ସମ୍ମିଶ୍ରଣରେ ପାରାଲିଗାଲ ଭଲ୍ୟୁଂଟିୟରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏଣୁ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ଆଇନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ହୋଇ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ସଚେତନ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡଃ. ଅଜିତ କୁମାର ମହାପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ, କିଶୋର ନ୍ୟାୟ ବୋର୍ଡ଼ ଅଧକ୍ଷ ଶୋଭେନ୍ କାନୁନଗୋ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ୟୁନିସେଫର ପରାମର୍ଶଦାତା, ଘାସିରାମ ପଣ୍ଡା ତାଲିମଦାତା ଭାବରେ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଓ ଶିଶୁ ମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ସମ୍ବନ୍ଧରେ ଆଇନ, ଯୋଜନା ଏବଂ ପ୍ରତିଷେଧକ ବ୍ୟବସ୍ଥା ଗୁଡିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ ଆଇନ୍ ସହିତ ଦ୍ୱନ୍ଦରେ ଥିବା ଶିଶୁ ମାନଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ଯୋଜନା ସହିତ ଏହି ଶିଶୁମାନଙ୍କୁ ଯୋଡ଼ିବା ସହିତ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସାମୁହିକ ସହଯୋଗରେ କାମ କରିବାକୁ କହିଥିଲେ । ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲ୍ପଲାଇନ୍ ର କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଓଡିଶା କୃଷକ ସଭା ୯ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ

ଭଦ୍ରକ, ୨୪/୧୦ (ନି.ପ୍ର): କୃଷି, କୃଷକ ଓ କୃଷିକ୍ଷେତ୍ରର ସୁରକ୍ଷା ସମେତ ଦେଶର ସଂସଦୀୟ ଗଣତନ୍ତ୍ର, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ସୁରକ୍ଷା ଓ ନିରାପତା , ସମ୍ବିଧାନ ର ସୁରକ୍ଷା, ସ୍ୱାଧୀନ ବୈଦେଶିକ ନୀତିର ସୁରକ୍ଷା,ଆମ ଦେଶର ସ୍ୱାଧୀନ ପ୍ରତିରକ୍ଷା ନୀତିର ସୁରକ୍ଷା ସମେତ କୃଷକ ସପକ୍ଷବାଦୀ କୃଷି ନୀତି, କେନ୍ଦ୍ର ଓ ରାଜ୍ୟର କୃଷି ବଜେଟ୍ ବୃଦ୍ଧି ଦାବିକରି ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା ୯ ମ ଜିଲ୍ଲା ସମ୍ମିଳନୀ ଧୁଷୁରୀ ସ୍ଥିତ ଧୁଷୁରୀ ଗ୍ରାମ ପଂଚାୟତ କଲ୍ୟାଣ ମଣ୍ଡପ ଠାରେ ଗତ ୨୨, ଅକ୍ଟୋବର ଠାରୁ ଆରମ୍ଭ ହୋଇ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲାର ସମସ୍ତ ଚାଷ ଜମି କୁ ଜଳସେଚନ, ବନ୍ୟା ଓ ମରୁଡି ର ସ୍ଥାୟୀ ପ୍ରତିକାର ଓ କୃଷି ଋଣ ଛାଡ ଦାବିରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବା ପାଇଁ ପ୍ରସ୍ତାବ ମାନ ପାରିତ ହୋଇଯାଇଛି । ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୯୨ ଜଣ ଚାଷୀ ପ୍ରତିନିଧି ମାନଙ୍କ ମଧ୍ୟରୁ ୨୫ ଜଣ ପ୍ରତିନିଧି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ଏକ ନୂତନ ୧୭ ଜଣିଆ ଜିଲ୍ଲା କମିଟି ସର୍ବସମ୍ମତିକ୍ରମେ ନିର୍ବାଚିତ କରାଗଲା । ଜିଲ୍ଲା ସଭାପତି ଭାବେ ଚାଷୀ ନେତା ଚନ୍ଦ୍ରଶେଖର ନାୟକ ଓ ଜିଲ୍ଲା ସଂପାଦକ ଭାବେ ପ୍ରଫେସର ପ୍ରଭାସ ମହାପାତ୍ର ନିର୍ବାଚିତ ହୋଇଥିଲେ । ଏହି ଉଦଯାପନୀ ଉତ୍ସବରେ ଓଡିଶା କୃଷକ ସଭା ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାୟ, ରାଜ୍ୟ ଉପସଭାପତି ସିତାଂଶୁ ସେନାପତି, ଅନ୍ୟତମ ଉପସଭାପତି ଅଭିରାମ ବେହେରା, ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ପ୍ରମୁଖ ଉପସ୍ଥିତ ହୋଇ ନବନିର୍ବାଚିତ କର୍ମ କର୍ତା ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ସଂଗଠନ ର ବରିଷ୍ଠ ନେତା କମ୍ରେଡ ନିରଞ୍ଜନ ପାଣି, ଚନ୍ଦ୍ରମଣି ପଣ୍ଡା, ଅଭିରାମ ବଳ, ନାରାୟଣ ଦାଶ, ଦାମୋଦର ସାହୁ ଓ ନାରାୟଣ ଲେଙ୍କା ଙ୍କୁ ସମ୍ମିଳନୀ କକ୍ଷରେ ଫୁଲ ତୋଡା ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମିଳନୀର ସଫଳତା କାମନା କରି ଭାତୃପ୍ରତିମ ସଂଗଠନ ସିଆଇଟିୟୁ ପକ୍ଷରୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଓଡିଶା କ୍ଷେତମଜଦୂର ୟୁନିୟନ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ରାଜ୍ୟ ସଂପାଦିକା ସୁରଜିତା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଅଧକ୍ଷ ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଚାଷୀ ନେତା ସତ୍ୟମୂର୍ତି ବେହେରା, ରମେଶ ସାହୁ, ପ୍ରତାପ ଦାସ, ବିପ୍ଲବ ଯେନା, ଜୟନୂଲ ଆବେଦିନ ପ୍ରମୁଖ ଆଲୋଚନା କରିଥିଲେ । ଜମି, ଖାଦ୍ୟ ଓ କାମର ଅଧିକାର ର ସୁରକ୍ଷା ଓ କୃଷକ ମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଭଦ୍ରକ ଜିଲ୍ଲାରେ ସଂଗଠନର ପତାକା ତଳେ ହଜାର ହଜାର କୃଷକ ଏକଜୁଟ ହୋଇ ଲଢେଇ କରିବାକୁ ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା । ଆସନ୍ତା ଅକ୍ଟୋବର ୨୬, ୨୭ ଓ ୨୮ ତିନିଦିନ ଧରି ନୟାଗଡ ଜିଲ୍ଲା ରଣପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା କୃଷକ ସଭା ର ରାଜ୍ୟ ସମ୍ମିଳନୀ କୁ ସଫଳ କରିବା ପାଇଁ ଜିଲ୍ଲାରୁ ୭ ଜଣ କୃଷକ ପ୍ରତିନିଧି ନିର୍ବାଚିତ ହୋଇଥିଲେ ଓ ଶହ ଶହ ସଂଖ୍ୟାରେ ଏହି ରାଜ୍ୟସ୍ତରୀୟ କୃଷକ ସମାବେଶରେ ଭଦ୍ରକ ଜିଲ୍ଲାର କୃଷକ ମାନେ ସାମିଲ ହେବାକୁ ସମ୍ମିଳନୀରେ ନିଷ୍ପତି ନିଆଯାଇଥିଲା ।

## ଗାଧୋଇବାକୁ ଯାଇ ପୋଖରୀରେ ବୁଡି ଦୀନ ମଜୁରୀଆ ମୃତ

ସମ୍ବଲପୁର, ୨୪/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅର୍ନ୍ତଗତ ମହଦା ଗ୍ରାମ ପଞ୍ଚାୟତ ମହଦା ଗାଁ ରେ ଆଜି ବୁଧବାର ଦିନ ଚାରିଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଗ୍ରାମର ଜଣେ ଯୁବକ ଗାଧୋଇବା ପାଇଁ ଯାଇଥିବା ବେଳେ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବୁଧବାର ସକାଳୁ ଠାସକର ମୁଣ୍ଡା ବୟସ ୪୫ ଗାଁରେ ଦିନମଜୁରିଆ କାମ କରାନ୍ତି । କାମରୁ ଛୁଟି ହେବା ପରେ ଗାଧୋଇବା ପାଇଁ ଗ୍ରାମ ନିକଟସ୍ଥ ଗଣ୍ଡା ବନ୍ଧ ପୋଖରୀ କୁ ଯାଇଥିଲେ । ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବା ଯୋଗୁଁ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥଲେ। ସନ୍ଧ୍ୟା ୫ ଟା ସମୟରେ ସ୍କୁଲ ପିଲାମାନେ ପୋଖରୀକୁ ସ୍ୱଚ୍ଛ ହେବା ପାଇଁ ଯାଇଥିଲେ ଏହି ସମୟରେ ଗାଧୁଆ ତୁଟ ରେ ଏକ ଶବ ଭାସୁଥିବା ର ଦେଖିଥିଲେ ଏବ ଠାସକର ପରିବାର ଲୋକଙ୍କୁ ଖବର ଦେଇଥିଲେ। ଶେଷରେ ପୋଖରୀକୁ ଯାଇ ଦେଖିବା ବେଳକୁ ଠାସକରଙ୍କ ପୋଷାକ, ଚପଲ ଆଦି ତୁଠରେ ଭାସୁଥିଲା। ଜମନକିରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ଏହାପରେ ଦମକଳ ବାହିନୀ ରାତିରେ ଠାସକରଙ୍କୁ କୁ କୁଚିଣ୍ଡା ସ୍ଥିତ ମୁଖ୍ୟ ଚିକିତ୍ସା କେନ୍ଦ୍ର କୁ ନେଇଥିଲେ। ଏ ନେଇ ଅଭିଯୋଗ ପାଇବା ପରେ କୁଚିଣ୍ଡା ପୋଲିସ ତଦନ୍ତ ଆରମ୍ଭ କରିବା ସହ ମୃତ ଦେହକୁ କୁଚିଣ୍ଡା ସ୍ଥିତ ଚିକିତ୍ସା କେନ୍ଦ୍ର ରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଗ୍ରାମ ବାସୀ ଙ୍କ ସୂତ୍ର ରୁ ପ୍ରକାଶ ଯେ ମୃତ ଠାସକର ମୁଣ୍ଡା ପରିବାର ଅତି ଗରିବ ଏବଂ ସେ ବିବାହିତ। ତାଙ୍କର ଧର୍ମ ପତ୍ନୀ ରହିଛନ୍ତି।

## ସୀମାଗୁଡି ଗାଁରେ ଇଡକୋ କମ୍ପାନୀକୁ ବିରୋଧ

ମାଲକାନଗିରି, ୨୪/୧୦ (ନି.ପ୍ର): ସୀମାଗୁଡ଼ି ଗାଁ ବୁଲି ଦେଖିଲେ ଜିଲ୍ଲାପାଳ। ୪୨ ଏକର ଜଙ୍ଗଲ ମଧ୍ୟରେ ଗଢ଼ି ଉଠିବ ଶିଳ୍ପ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି ଜିଲ୍ଲାପାଳ। ଶିଳ୍ପ ହେଲେ ସ୍ଥାନୀୟ ଲୋକେ ପାଇବେ ରୋଜଗାର। ସେପଟେ ଗ୍ରାମବାସୀ ନାରାଜ ଥିବା ଲକ୍ଷ୍ୟ କରାଯାଉଛି। ମାଲକାନଗିରି ଜିଲ୍ଲାର ଏହି ସୀମାଗୁଡି ଗାଁରେ ଇଡକୋ କମ୍ପାନୀ ପକ୍ଷରୁ ଏଠାରେ ଏକ ଲଘୁ ଉଦ୍ୟୋଗ ଆରମ୍ଭ କରିବାକୁ ଦୁଇ ବର୍ଷ ପୂର୍ବରୁ ପ୍ରୟାସ ଜାରି ରଖିଛି। କିନ୍ତୁ, ବିଗତ ଦୁଇ ବର୍ଷ ହେବ ଗ୍ରାମବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ଫ୍ୟାକ୍ଟ୍ରି ଏଯାବତ ହୋଇ ପାରିନାହିଁ।

## ଗୁଣବତା ପ୍ରମାଣନ କର୍ମଶାଳା : ବିକ୍ରେତା ଗତିଶୀଳତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ତ୍ୱରାନ୍ୱିତ କରିବା

ସମ୍ବଲପୁର, ୨୪/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଆଜି ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ସମ୍ବଲପୁରରେ ସଫଳତାର ସହିତ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା ଓ ଗୁଣବତା ପ୍ରମାଣନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଗୁଣବତା ପ୍ରମାଣପତ୍ର ଉପରେ ଧ୍ୟାନ ଦେଇ ସମ୍ବଲପୁରରେ ମାନଙ୍କର କ୍ଷମତା ଏବଂ ପ୍ରତିଯୋଗିତାକୁ ବୃଦ୍ଧି କରି ସଶକ୍ତ କରିବା । କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ବଜାର ପ୍ରତିଯୋଗିତାକୁ ପରିଚାଳନା କରିବାରେ ଗୁଣବତା ପ୍ରମାଣପତ୍ରର ଗୁରୁତ୍ୱ ଉପରେ ତାଙ୍କର ମୂଲ୍ୟବାନ ଅନ୍ତର୍ଦୃଷ୍ଟି ସମସ୍ତ ଉପସ୍ଥିତ ଲୋକଙ୍କ ମନରେ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା। ଜାତୀୟ ଉତ୍ପାଦକତା ପରିଷଦର ବିଶେଷଜ୍ଞ ପ୍ରତିନିଧିମାନେ ବୈଷୟିକ ଅଧିବେଶନର ନେତୃତ୍ୱ ନେଇଥିଲେ, ସାର୍ଟିଫିକେସନ୍ ପ୍ରକ୍ରିୟା ଉପରେ ବ୍ୟାପକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସେମାନେ ବ୍ୟବହାରିକ ପଦକ୍ଷେପ, ଲାଭ ଏବଂ କାର୍ଯ୍ୟ ମଧ୍ୟରେ ଗୁଣାତ୍ମକ ମାନକକୁ ସମନ୍ୱିତ କରିବାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଶୂନ୍ୟ ତ୍ରୁଟି, ଶୂନ୍ୟ ପ୍ରଭାବ ସାର୍ଟିଫିକେସନ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା - ସର୍ବନିମ୍ନ ପରିବେଶଗତ ପ୍ରଭାବ ସହିତ ଉନ୍ନତ ଗୁଣାତ୍ମକ ଉତ୍ପାଦ ଉତ୍ପାଦନ କରିବାର ପ୍ରତିବଦ୍ଧତା ପ୍ରଦର୍ଶନ କରି, ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧିର ଦୃଷ୍ଟିକୋଣ ସହିତ ସୁଗମ ଭାବରେ ସମନ୍ୱିତ। ସାର୍ଟିଫିକେସନ୍ କାର୍ଯ୍ୟକୁ ଅପ୍ଟିମାଇଜ୍ କରିବା, ଅପଚୟ ହ୍ରାସ କରିବା ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଏକ ଅତ୍ୟାବଶ୍ୟକ ପଦ୍ଧତି ଭାବରେ ପ୍ରଦର୍ଶିତ ହୋଇଥିଲା। ନୀତିଗୁଡ଼ିକୁ ଗ୍ରହଣ କରି, ମୂଲ୍ୟ ଦକ୍ଷତା ହାସଲ କରିପାରିବେ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିପାରିବେ, ଯାହାଦ୍ୱାରା ସ୍ଥାନୀୟ ଅର୍ଥନୈତିକ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଯୋଗଦାନ କରିପାରିବେ। ଏହା ବ୍ୟତୀତ, ସାର୍ଟିଫିକେସନ୍ର ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ମାନଦଣ୍ଡ ଗୁଡ଼ିକୁ ବର୍ଦ୍ଧିତ ବିଶ୍ୱସନୀୟତା ଏବଂ ବ୍ୟାପକ ବଜାରରେ ପ୍ରବେଶ ପ୍ରଦାନ କରେ। କର୍ମଶାଳା ସମୟରେ ଅଂଶଗ୍ରହଣ ଅଧିକ ଥିଲା, ଅଂଶଗ୍ରହଣକାରୀମାନେ ପ୍ରଶ୍ନଗୁଡ଼ିକୁ ସ୍ପଷ୍ଟ କରିବା ଏବଂ ଅଭିଜ୍ଞତା ଆଦାନପ୍ରଦାନ କରିବା ପାଇଁ ବିସ୍ତୃତ ପ୍ରଶ୍ନୋତର ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଏକ ନେଟୱାର୍କିଂ ମଧ୍ୟାହ୍ନ ଭୋଜନ ସହିତ ଶେଷ ହୋଇଥିଲା, ଯାହା ଶିଳ୍ପ ବିଶେଷଜ୍ଞ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ମୂଲ୍ୟବାନ ସଂଯୋଗକୁ ସହଜ କରିଥିଲା - ସହଯୋଗ, ମିଳିତ ଉଦ୍ୟମ ଏବଂ ସମ୍ବଳ ବଂଟନ ପାଇଁ ରାସ୍ତା ଖୋଲିଥିଲା। ସମ୍ବଲପୁର କର୍ମଶାଳାର ସଫଳତା ସମ୍ବଲପୁରର ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକଙ୍କ ସମର୍ପିତ ପ୍ରୟାସ ଦ୍ୱାରା ଯଥେଷ୍ଟ ସମର୍ଥନ ପାଇଛି, ଯାହା ଜିଲ୍ଲା ନିବେଶ ପ୍ରୋତ୍ସାହନ ସଂସ୍ଥା ସମ୍ବଲପୁର ସହିତ ମିଶି କରିଛି। ସକ୍ରିୟ ଏବଂ ସୁଗମ ଇଭେଂଟ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନର ଅବିଚ୍ଛେଦ୍ୟ ଅଂଶ ଥିଲା। ଓଡ଼ିଶା ସରକାର ସମ୍ବଲପୁର ଏବଂ ରାଜ୍ୟ ସାରା ଅଭିବୃଦ୍ଧି ଏବଂ ସ୍ଥିରତାକୁ ପୋଷଣ କରିବା ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତା ଜାରି ରଖିଛି। ଏହିପରି ପଦକ୍ଷେପ ମାଧ୍ୟମରେ, ଓଡ଼ିଶା ଅଭିନବ ବ୍ୟବସାୟିକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିଯୋଗିତାମୂଳକ ବିଶ୍ୱ ବଜାରରେ ନିରନ୍ତର ସଫଳତା ପାଇଁ ଏହାକୁ ସ୍ଥାନିତ କରିବାକୁ ଚେଷ୍ଟା କରେ।

## ସୁବର୍ଣ୍ଣପୁରରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ : ସମସ୍ତଙ୍କ ଉଦ୍ୟମ ହେଲେ ସାଇବର ନିୟନ୍ତ୍ରଣ ହୋଇପାରିବ: ଆଇଜି ହିଂମାଶୁ ଲାଲ୍

ସୁବର୍ଣ୍ଣପୁର, ୨୪/୧୦ (ନି.ପ୍ର): ସୁବର୍ଣ୍ଣପୁର ଟାଉନ୍ ହଲ ଠାରେ ଜିଲ୍ଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନର ଆଜି ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଏଠାରେ ଉତରାଚଂଳ ଆଇଜି ହିମାଂଶୁ ଲାଲ୍ ଯୋଗଦେଇ ଭିଡିଓ କଲ୍, ହ୍ୱାଟସପ୍ କଲ୍, ଫେସ୍ ବୁକ୍ କଲ୍ ପ୍ରତି ଆପଣ ମାନେ ସଜାଗ ରୁହନ୍ତୁ, ମଝିରେ ମଝିରେ ଆପଣ ଅନ ଲାଇନ ବ୍ୟାଙ୍କିଙ୍ଗରେ ପାସ୍ ୱାର୍ଡ ଚେଞ୍ଜ କରନ୍ତୁ, ତଥାପି ଯଦି କୌଣସି ଫ୍ରଡ ର ଶିକାର ହେଉଛନ୍ତି ତାହେଲେ ଗୁଗୁଲ୍, ଫେସ୍ ବୁକ୍, ହ୍ୱାଟ୍ସ ଅପ୍ ମଧ୍ୟମରେ ତୁରନ୍ତ ଅଭିଯୋଗ କରିପାରିବେ ବୋଲି କହିଥିଲେ । ଯଦି ଏଥିରେ ଫେଲ୍ ମାରନ୍ତି ତାହେଲେ ୧୯୩୦ କୁ ତୁରନ୍ତ କଲ୍ କରି ଅଭିଯୋଗ କରିବାକୁ କହିଥିଲେ ଓ ଏହି ସାଇବର କ୍ରାଇମ କୁ ନିୟନ୍ତ୍ରଣ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ । ସୁବର୍ଣ୍ଣପୁର ଏସପି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ. ନୃପରାଜ ସାହୁ ଯୋଗଦେଇ ଏ/ ୧ ଯୁଗରେ ସବୁ ସମ୍ଭବ, ସେଥିପାଇଁ ଆମେ ଲୋଭର ବଶବର୍ତୀ ନହୋଇ ପୁରା ସତର୍କ ହେବା ଜରୁରୀ ବୋଲି କହିଥିଲେ । ଏବଂ ପୂର୍ବରୁ ତାଙ୍କ ନିଜର ଫେସ୍ ବୁକ୍ ହେକ୍ ହୋଇଥିବା ଓ କିଛି ଲୋକ ଠକେଇର ଶିକାର ହୋଇଥିବା ନିଜର ଅନୁଭୂତିକୁ ସେୟାର କରି ଉପସ୍ଥିତ ହଜାର ଛାତ୍ର ଛାତ୍ରୀ ବୁଦ୍ଧିଜୀବୀଙ୍କୁ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବରେ ସିଡି ଏମ୍ ପି ଏଚ୍ ଓ ଉଷାରାଣୀ ଦାଶ, ପୌର ପରିଷଦ ଅଧକ୍ଷା ତାମସି ତାମସ୍ମିତା ନାଏକ, ବ୍ୟାଙ୍କ ଅଫ ବରୋଦା ମ୍ୟାନେଜର ଅକ୍ଷୟ କବାର, ଅତିରିକ୍ତ ଏସପି କେ କେ ହରି ପ୍ରସାଦ ଯୋଗଦେଇ ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ ହେବା, ସ୍ମାର୍ଟ ହେବା ଠାରୁ ଅଧିକ ଡିଜିଟାଲ ସୁରକ୍ଷିତ ରହିବାକୁ ପଡିବ ବୋଲି କହିଥିଲେ । ନିମନ୍ତ୍ରିତ ଅତିଥି ଭାବରେ ଏଡିଏମ୍ ଅଞ୍ଜଳିନା ପଧାନ ଯୋଗ ଦେଇଥିଲେ । ଉଦ୍ଘୋଷିକା ସସ୍ମିତା ପରମଗୁରୁ ସଭାକୁ ସଂଯୋଜନା କରିଥିଲେ । ଏଥିରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ବ୍ଲକସ୍ତରୀୟ ସୁରଭିରେ ହର୍ଷିତା ହୃଦୟଜ୍ୟୋତି ପ୍ରଥମ

ଘଟଗାଁ, ୨୪/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଘଟଗାଁ ବ୍ଲକଶିକ୍ଷ୍ୟାବିଭାଗର ବ୍ଲକ ସ୍ତରୀୟ ସୁରଭିରେଅନୁଷ୍ଠିତ ହୋଇଥିବା ବିତର୍କ କୃତିମ ବୁଦ୍ଧି ମତା ଶିକ୍ଷା ଓ ଶିକ୍ଷଣ ପ୍ରତି ଯୋଗିତାରେଓଡିଶା ଆଦର୍ଶ ବିଦ୍ୟାଳୟରହର୍ଷିତା ହୃଦୟ ଜ୍ୟୋତି ନାୟକ ପ୍ରଥମସ୍ଥାନ ଅଧିକାର କରିପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯିବା ସହିତ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ଏକା ଧାରାରେ ଜଣେ କବି ସୁଲେଖକ ମିଷ୍ଟ ଭାସି ପ୍ରଶାସନ ଅଧିକାରୀ(ଏ ବି ଡି ଓ)ଶ୍ରୀଯୁକ୍ତ ଚିତରଞ୍ଜନ ନାୟକ ଓ ଜ୍ୟୋସ୍ନାମୟୀ ବେହେରାଙ୍କ ସୁକନ୍ୟା । ତେଣୁ ଘଟଗାଁ ବ୍ଲକ ଅଧାକ୍ଷା ଗୀତାଞ୍ଜଳି ନାୟକ ଉପାଧକ୍ଷ ଯଦୁମଣି ନାୟକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା ଓ ପ୍ରଧାନ ଶିକ୍ଷକ ଜ୍ଞାନେନ୍ଦ୍ର କୁମାରଙ୍କ ଉପସ୍ଥିତରେ ପୁରସ୍କୃତ କରା ଯାଇ ଥିବା ପ୍ରକାଶ ପାଇଛି ।

## ପାର୍ବଣ ଭିଡ଼ରେ ଯାତ୍ରୀ ସୁରକ୍ଷା ଏବଂ ଭିଡ଼ ପରିଚାଳନା ମଜବୁତ ପାଇଁ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସକ୍ରିୟ

ସମ୍ବଲପୁର, ୨୪/୧୦ (ନି.ପ୍ର): ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଏବଂ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ବ୍ୟାପକ ବ୍ୟବସ୍ଥାର ସମୀକ୍ଷା ଏବଂ କଡ଼ା ତଦାରଖ କରିଛନ୍ତି ।

ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ପରିଚାଳନା କରିବା ପାଇଁ, ପ୍ରବେଶ ଏବଂ ପ୍ରସ୍ଥାନ ଫାଟକ, ବୁକିଂ କାଉଂଟର, ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ୍ ସମେତ ପ୍ରମୁଖ ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳ କର୍ମଚାରୀ ଏବଂ ବାଣିଜ୍ୟିକ କର୍ମଚାରୀଙ୍କୁ ରଣନୀତିକ ଭାବରେ ନିୟୋଜିତ କରାଯାଇଛି । ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ଷ୍ଟେସନ ପରିସରରେ ସୁବ୍ୟବସ୍ଥିତ ଗତିବିଧି ବଜାୟ ରଖିବା ପାଇଁ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଉଛି ।

ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ଟିକେଟ କାଉଂଟର ଏବଂ ସୁରକ୍ଷା ଚେକପୋଷ୍ଟଗୁଡ଼ିକରେ ଧାଡ଼ି ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଯାତ୍ରୀମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ ଟ୍ରେନ୍ ପ୍ରସ୍ଥାନର ଯଥେଷ୍ଟ ପୂର୍ବରୁ ପହଂଚିବା ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଉଛି ।

ଡିଭିଜନରେ ପ୍ରାୟ ୧୨୦ ସିସିଟିଭି କ୍ୟାମେରା ସହିତ ଗଠିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଭିଡ଼ ଗତିବିଧିର ନିରନ୍ତର ତଦାରଖ ସୁନିଶ୍ଚିତ କରାଯାଉଛି । ନିରୀକ୍ଷଣକୁ ପୂର୍ଣ୍ଣ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣକୁ ସକ୍ରିୟ ଭାବରେ ବ୍ୟବହାର କରାଯାଉଛି । ଭିଡ଼ ପରିଚାଳନା କାର୍ଯ୍ୟକଳାପର ୨୪ ଘଣ୍ଟା ତଦାରଖ ପାଇଁ ଏକ ଉତ୍ସର୍ଗୀକୃତ ଜରୁରିକାଳୀନ ପ୍ରକୋଷ୍ଠ ପ୍ରତିଷ୍ଠା କରାଯାଇଛି । ରେଳ ସୁରକ୍ଷା ବଳ ଏବଂ ବାଣିଜ୍ୟିକ ବିଭାଗର କର୍ମଚାରୀଙ୍କ ସହିତ କର୍ମଚାରୀ, ଏହି ଜରୁରିକାଳୀନ ପ୍ରକୋଷ୍ଠକୁ ନିରନ୍ତର ତଦାରଖ, ବାସ୍ତବ-ସମୟ ମୂଲ୍ୟାଙ୍କନ ଏବଂ ପ୍ରଭାବଶାଳୀ ଭାବରେ ଯାତ୍ରୀ ପ୍ରବାହ ପରିଚାଳନା ପାଇଁ ସମୟୋପଯୋଗୀ ପଦକ୍ଷେପ ନିଶ୍ଚିତ କରେ ।

ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ପର୍ବପର୍ବାଣୀ ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ଜଚର ଏସ୍କର୍ଟ ନିୟୋଜିତ କରାଯାଇଛି । ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପାଣି ବୋତଲ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ଷ୍ଟେସନଗୁଡ଼ିକରେ କ୍ୟାଟରିଂ ୟୁନିଟ୍ ୨୪ଘଂ୭ କାର୍ଯ୍ୟ କରୁଛି । ଷ୍ଟେସନ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଯାତ୍ରୀମାନଙ୍କୁ କୌଣସି ଅସୁବିଧା ଏଡାଇବା ପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବା ଏବଂ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଯାତ୍ରୀମାନଙ୍କୁ ହାଲୁକା ଯାତ୍ରା କରିବାକୁ, ଷ୍ଟେସନରେ ପ୍ରଦର୍ଶିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ସୁରକ୍ଷିତ ଏବଂ ସୁଖଦ ଯାତ୍ରା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି । ପାର୍ବଣ ଭିଡ଼ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବାକୁ ଭାରତୀୟ ରେଳବାଇ ପ୍ରତିବଦ୍ଧ।

## ହାତୀ ଲେଖେନ୍ ପର୍ବ ପାଇଁ ଉତ୍ସବ ମୁଖର ସରାସପଶି ଗାଁ

ଚମ୍ପୁଆ, ୨୪/୧୦ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ଗ୍ରାମ ପଂଚାୟତର ସରାସପଶି ଗ୍ରାମରେ ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ମହାନ୍ତ ସମ୍ପ୍ରଦାୟର ପ୍ରଥା ଅନୁଯାୟୀ କାଳୀପୂଜା ବା ବନ୍ଦନା ପର୍ବକୁ ଖୁବ ଧୁମଧାମ ସହିତ ପାଳନ କରିଛନ୍ତି ସରାସପଶିର ଗ୍ରାମବାସୀ ମାନେ । କୁଡୁମି ସମ୍ପ୍ରଦାୟରେ ପ୍ରମୁଖ ପର୍ବ ଭାବେ ବନ୍ଦନା ପର୍ବକୁ ପାଳନ କରାଯାଇଥାଏ । କୃଷିଭିତିକ ଏହି ପର୍ବ ସାମ୍ପ୍ରଦୟିକ ତଥା ପାରମ୍ପରିକ ସଦଭାବନାର ସନ୍ଦେଶ ପ୍ରଦାନ କରୁଥିବା ବେଳେ କୁଡୁମି ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ୩ଦିନ ଧରି ଏହି ପର୍ବକୁ ଭକ୍ତିପୂତ ଭାବେ ପାଳନ କରିଥାନ୍ତି । ଏହି ପର୍ବରେ ବଳଦକୁ ପ୍ରାଥମିକତା ଦିଆଯାଇଥିବା ବେଳେ ପ୍ରଥମ ଦିନରେ ଗୋଠାଣି ପୂଜା ଓ ଅଣ୍ଡାମଡା ସହିତ ଧିଂମାନୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଗ୍ରାମର ଦେହୁରୀ ଗୋରୁ ଗୋଠରେ ପୂଜା ଅର୍ଚ୍ଚନା କରିବା ପରେ ଦେବସ୍ୱରୁପ ଅଣ୍ଡାମଡ଼ା କାର୍ଯ୍ୟକ୍ରମରେ ଯେଉଁ ବଳଦ ଅଣ୍ଡା ମାଡି ଥାଏ ସେହି ବଳଦର ମାଲିକ ଉକ୍ତ ବର୍ଷର ଭାଗ୍ୟବାନ ମଣିଷ ଭାବେ ଗଣା ଯାଇଥାଏ । ଅନ୍ୟ ପକ୍ଷରେ ଏହି ଦିନ ମହିଳା ମାନେ ଗୁହାଳରେ ଅଖଣ୍ଡ ଦ୍ୱୀପ ଲଗାଇ ଜାଗର ପାଳି ଥାଆନ୍ତି । ଶେଷ ଦିନ ତଥା ଅନ୍ତିମ ଦିନରେ ଗୁହାଳରେ ପୂଜା କରିବା ସହ ଝୋଟି ଚିତ୍ର ଅଙ୍କନ କରାଯାଇ ବୁଢ଼ୀ ବନ୍ଦନା କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । କାଳୀପୂଜା ହେଉଛି ମହାନ୍ତ ଲୋକ ମାନଙ୍କର ବଡ ପର୍ବ ଏହାକୁ କେହିକେହି ହାତୀ ଲେଖେନ ପରବ ବୋଲି କହିଥାନ୍ତି । ଏହା ଏକ ଐତିହାସିକ ପର୍ବ, ସାଧାରଣତଃ ଗୋମାତାକୁ ମା ଲକ୍ଷ୍ମୀ ପରି ମାନି ୩ଦିନ ଧରି ପୂଜା କରୁଥିବା ବେଳେ, ପିଠା ପଣା କରି ନୂଆ ବସ୍ତ୍ର ପରିଧାନ କରିଥାନ୍ତି ସମସ୍ତେ ।

# ବ୍ଲକସ୍ତରୀୟ ସୁରଭି-୨୫: ଭାଗନେଲେ ୫ଶହ ପ୍ରତିଯୋଗୀ



ଖଇରା, ୨୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ୧୩ଟି ବିଭିନ୍ନ ବିଷୟରେ ୧୭ଟି କ୍ଲଷ୍ଟରରୁ ୫ଶହରୁ ଅଧୀକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଅତିଥି ଭାବେ ଯୋଗ ଦେଇଥିଲେ । ବିଆରସିସି ମାଣିକ ମିଶ୍ର ସଭାରେ ପୌରହିତ୍ୟ କରିଥିଲେ । ଶେଷରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଦୁର୍ଗାମାଧବ ଜେନା ଓ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବିଭିନ୍ନ କ୍ଲଷ୍ଟରର ସିଆରସିସି ଦିବସବ୍ୟାପି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଏମ୍‌ସିର ସଫଳ ଡେଙ୍ଗୁ ଦମନ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ଡେଙ୍ଗୁ ଦମନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଚଳିତ ବର୍ଷ ଦୀର୍ଘ ଦିନ ଧରି ବର୍ଷା ଲାଗିରହିଥିଲେ ମଧ ଡେଙ୍ଗୁ ରୋଗୀ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି । ଗତ ବର୍ଷ ଭୁବନେଶ୍ୱରରେ ଅକ୍ଟୋବର ମାସ ଶେଷ ସୁଦ୍ଧା ୧୨୩୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଆଜି ସୁଦ୍ଧା ମାତ୍ର ୩୧୧ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୦୨୬ ମେ ସୁଦ୍ଧା...

ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀ ପଡ଼ିଆରେ ଏକ ଫୁଟବଲ ଷ୍ଟାଡ଼ିଅମ୍ ସହିତ ଇନଡୋର ଓ ଆଉଟଡୋର ଗେମ୍'ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସ୍ୱିମିଂ ପୁଲ, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, କ୍ରୀଡ଼ା ନିର୍ଦ୍ଦେଶକ ଡଃ ଏଦୁଲା ବିଜୟ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ସରିଲା ପ୍ରାର୍ଥିପତ୍ର ...

ନଜର ପକାନ୍ତୁ ନୂଆପଡ଼ା ଗଣିତରେ କେଉଁ ଜାତିର ଭୋଟ୍ କେତେ ପ୍ରତିଶତ ରହିଛି । ଅର୍ଥାତ ୯୦ ହଜାରରୁ ଅଧିକ ଭୋଟ ଅର୍ଥାତ୍ ସିଂହଭାଗ ଆଦିବାସୀଙ୍କ ହାତରେ ରହିଛି । ତେଣୁ ଆଦିବାସୀ ନୂଆପଡ଼ା ଉପନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ । ଆଦିବାସୀରେ ଗଣ୍ଡ, ଶବର, ଭୂଞ୍ଜିଆ ଓ ବରିହା ଜାତି ଆସୁଛନ୍ତି । ସେପଟେ ନିର୍ବାଚନ ପୂର୍ବରୁ ନୂଆପଡ଼ାରେ ବଡ଼ ହଲଚଲ । ବିଜେପିର ବଡ଼ ମିଶ୍ରଣ ପର୍ବ । ପଦ୍ମ ଧରିଲେ ଆଦିବାସୀ ନେତା ଭୁଜବଳ ଅଡବାଙ୍ଗ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି । ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି । ନୂଆପଡା ଉପନିର୍ବାଚନରେ ମଧ ସମାନ ସ୍ଥିତି ଦେଖିବାକୁ ମିଳୁଛି । ଆଜି ନୂଆପଡାରେ ଅନୁଷ୍ଠିତ ଏକ ବଡ ମିଶ୍ରଣ ପର୍ବରେ ବିଶିଷ୍ଟ ଓ ବରିଷ୍ଠ ଆଦିବାସୀ ନେତା ଭୂଜବଳ ଅଡବାଙ୍ଗ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି ।

### ଚାପରେ ପଡ଼ି ବାଣିଜ୍ୟ ...

ଆଲୋଚନାଚକ୍ରରେ କହିଛନ୍ତି, 'ଆମେ ୟୁରୋପୀୟ ସଂଘ ସହିତ ସକ୍ରିୟ ଭାବରେ ଆଲୋଚନା କରୁଛୁ । ଆମେ ଆମେରିକା ସହିତ ମଧ କଥାବାର୍ତ୍ତା କରୁଛୁ, କିନ୍ତୁ ଆମେ ଶୀଘ୍ର କୌଣସି ଚୁକ୍ତି କରୁନାହୁଁ, କିମ୍ବା ଏକ ସମୟସୀମା ସ୍ଥିର କରି କିମ୍ବା ଚାପରେ କୌଣସି ଚୁକ୍ତି କରୁନାହୁଁ' । ଏହି ଅବସରରେ, ସେ କହିଛନ୍ତି ଯେ ଯେକୌଣସି ବାଣିଜ୍ୟ ଚୁକ୍ତିକୁ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ । ସେ କହିଛନ୍ତି ଯେ ଭାରତ କେବେ ଶୀଘ୍ର କିମ୍ବା ଚାପରେ କୌଣସି ନିଷ୍ପତ୍ତି ନେଇନଥାଏ । ସେ ଏହା ମଧ କହିଛନ୍ତି ଯେ ଭାରତ ଆମେରିକାରେ ଲାଗୁ ହୋଇଥିବା ଉଚ୍ଚ ଟାରିଫ ସହିତ ମୁକାବିଲା କରିବା ପାଇଁ ନୂତନ ବଜାର ଖୋଜୁଛି ।

# ଖଣ୍ଡିଆହୁଡି ସୁରକ୍ଷା ପାଇଁ ଶାଳବନ୍ଧ ପଡ଼ିଆରେ ବିଶାଳ ସମାବେଶ



ନୀଳଗିରି, ୨୪/୧୦ (ନି.ପ୍ର): ମିରିଗିଣି ପଥରଖଣିର ପରିବେଶ ମଞ୍ଜୁରୀକୁ ଚାଲେଞ୍ଜକରି ଆଜି ଅପରାହ୍ନ ୪ଘଟିକା ସମୟରେ ଶାଳବନ୍ଧ ପଡିଆ ରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାବେଶରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ଅଧକ୍ଷତା କରିଥିଲେ । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନମନ୍ତ୍ରୀ ତଥା ବିଜେଡ଼ି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରେମୁଣାର ପୂର୍ବତନ ବିଧାୟକ ସୁଦାମ ପରିଡା, ପରିବେଶବିତ ତଥା ଶ୍ରମିକ ନେତା ଅରୁଣ ଜେନା,ବରିଷ୍ଠ ପରିବେଶବିତ ଅନିରୁଦ୍ଧ ବେହେରା, ପୂର୍ବତନ ଅଧକ୍ଷ କ୍ଷେତ୍ରମୋହନ ସିଂ, ବରିଷ୍ଠ ସମାଜସେବୀ ଦୁଃଶାସନ ନାୟକ କାଉନସିଲର ପ୍ରାର୍ଥୀ ରାମଚନ୍ଦ୍ର ଦାସ, ସୁନୀଲ ପ୍ରଧାନ,ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ସମିତିସଭ୍ୟ ରାଜୀବ ଦାସବାବୁ ପ୍ରମୁଖ ନିଜନିଜ ବକ୍ତବ୍ୟରେ ମରିଯିବୁ ପଛେ ଖଣ୍ଡିଆହୁଡି ପାହାଡରୁ ଇଞ୍ଚେ ଜାଗା ଦେବୁନି ବୋଲି କହିବା ସହିତ ଆବଶ୍ୟକ ସ୍ଥଳେ ନ୍ୟାୟ ପାଇଁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼େଇ ଜାରିରଖିବୁ ବୋଲି କହିଥିଲେ । ଖଣ୍ଡିଆ ହୁଡିରେ ଖାଦାନ ହେଲେ ୪ନଂ ୱାର୍ଡ ମିରିଗିଣି ଓ ୩ନଂୱାର୍ଡ ଶାଳବନ୍ଧ ଗାଁ ଲୋକଙ୍କ ଉପରେ କଣ କଣ କ୍ଷତି ହେବସେ ନେଇ ବିସ୍ତୃତ ଭାବେ ଅତିଥି ମାନେ ଉପସ୍ଥିତ ଜନତାଙ୍କୁ ବୁଝାଇଥିଲେ । ପରେ ଗ୍ରାମ ବାସୀ ମାନେ ଏକ ସ୍ୱରରେ ମରିଯିବୁ ପଛେ ପାହାଡ ଦେବୁ ନାହିଁ କହିବା ସହିତ ନ୍ୟାୟ ପାଇଁ ଘର ଘର ବୁଲି ଚାଉଳ, ଟଙ୍କା ଆଦାୟ କରି ସଂଗ୍ରାମ ଜାରି ରହିବ ବୋଲି ଗ୍ରାମ ବାସୀ ମାନେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ପୂର୍ବରୁ ଉକ୍ତ ଖଣ୍ଡିଆ ହୁଡ଼ିରେ କମ୍ପାନୀ ଦ୍ୱାରା ପଥର ଉତ୍ତୋଳନ ବେଳେ ବହୁ ଜୀବନ ଯାଇଥିବା ନଜିର ଅଛି । ସେଥିପାଇଁ ଆଉ ମୁଣ୍ଡ ଗଡିବାକୁ ଦେବୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଥିଲେ । ଉକ୍ତ ସଭାରେ ଭାରତ ପରିଡା, ରବିନ୍ଦ୍ର ଦଳେଇ, ସନୁ ଦଳେଇ, ଶଶଧର ଦଳେଇ, ନିରଂଜନ ଦଳେଇ, ନିନ ସେଠୀ, ମନୁପରିଡା, ଦ୍ୱେଦତ୍ତ ବେହେରା, ବାପି ଦନାକ,ବିଜୁ ଦନାକ, ବାବୁସ୍ୱାଇଁ, କଟିଆ ପାତ୍ର, ବାବୁଲା ବିନ୍ଧାଣି, ସାରଥି ବେହେରା, କଟିନ ନନ୍ଦ, ଲିପୁ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର ଦଳେଇ, ରବିନ୍ଦ୍ର ସିଂ, ଗଙ୍ଗାଧର ସିଂ, ମୋହନ ସିଂ, କେଶବ ସିଂ, ଗୌରହରି ସିଂ,ପରିପାତ୍ର, ଗୌର ପଳେଇ, ପଦିଆସିଂ, କୁନା ମଲ୍ଲିକ, ରୁକ ବିନ୍ଧାଣି, କଟିବାବୁ ସିଂ, ଦୁଃଶାସନ ଦେଉରୀ, ରତ୍ନବାଳା ମିଶ୍ର,ମିନତୀ ପରିଡା, ସମେତ ପାଞ୍ଚ ଶହରୁ ଉର୍ଦ୍ଧ ଗ୍ରାମ ବାସୀ ଉପସ୍ଥିତ ଥିଲେ । ଅପରପକ୍ଷରେ ପ୍ରଶାସନ ଙ୍କୁ ପୁନଃ ବିଚାର ପାଇଁ ମିରିଗିଣି ଖାଣ୍ଡିଆ ହୁଡି ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୨୮ତାରିଖ ମଙ୍ଗଳବାର ଦିନ ପୂର୍ବାହ୍ନ ରେ ଜଗନ୍ନାଥ ମନ୍ଦିର ନିକଟରେ ରୁ ବିଶାଳ ସଭାଯାତ୍ରା ରେ ଗ୍ରାମ ବାସୀ ମାନେ ଯାଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଙ୍କୁ ଏକ ଦାବୀ ପତ୍ର ଦିଆଯିବ ବୋଲି ସିଦ୍ଧାନ୍ତ ହୋଇଛି ।

# ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତା ଆୟୋଜିତ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତା ଶୁକ୍ରବାର ପୂର୍ବାହ୍ନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬, ଭୁବନେଶ୍ୱର ପରିସରରେ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଶ୍ରୀମତୀ ନିୟତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ବାଦ୍ୟ ପ୍ରତିଯୋଗିତାର ଉଦ୍ଦେଶ୍ୟ ତଥା ଆବଶ୍ୟକତା ସମ୍ପର୍କରେ ଅବଗତ କରିଛନ୍ତି । ଓଡ଼ିଶାର ବିଭିନ୍ନ ଜୋନରୁ ଆସିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ବାଦ୍ୟ କ୍ଷେତ୍ରରେ ସେମାନଙ୍କର ପାରଙ୍ଗମତାକୁ ପ୍ରଶଂସା କରିଛନ୍ତି । ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ବୀରେନ୍ଦ୍ର କରକରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତାବାଳା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସାମର୍ଥ ଅତିଥିବୃନ୍ଦ ଓ କର୍ମକର୍ତ୍ତାମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ବିକାଶ ଚନ୍ଦ୍ର ସେଠୀଙ୍କ ମାଗଣା ନର୍ସିଂ ଓ ପାରାମେଡିକାଲ ଶିକ୍ଷାଦାନ: ହଜାର ହଜାର ଗରିବ ଆଦିବାସୀ ଓ ହରିଜନ ପିଲାମାନଙ୍କ ପାଇଁ ନୂତନ ଆଶାର ଆଲୋକ

ବାରିପଦା, ୨୪/୧୦ (ନି.ପ୍ର): ବିଶିଷ୍ଟ ଶିକ୍ଷବିତ ଓ ସମାଜସେବୀ ବିକାଶ ଚନ୍ଦ୍ର ସେଠୀ ଗରିବ, ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନେଇଛନ୍ତି । ସେ ଦେବେନ୍ଦ୍ରପୁରର BIJUPATTNAIK VIKASH & BRILLIANT GROUP OF INSTITUTION ମାଧ୍ୟମରେ ମାଗଣା +୨ ବିଜ୍ଞାନ, ନର୍ସିଂ ଓ ପାରାମେଡିକାଲ ଶିକ୍ଷା ସହିତ ନିଶ୍ଚିତ ଚାକିରି ସୁଯୋଗ ଯୋଗାଇ ଦେଉଛନ୍ତି । ଶ୍ରୀ ସେଠୀ ଓଡ଼ିଶାର ମୋଟ୍ ୩୦ଟି ଜିଲ୍ଲାରେ ହେଲଥ୍ କେୟାର ସେଣ୍ଟର ଖୋଲିବାର ଏକ ବଡ଼ ଯୋଜନା ହାତକୁ ନେଇଛନ୍ତି । ତତ୍ ସହିତ ବିଭିନ୍ନ ସରକାରୀ–ବେସରକାରୀ ହସ୍ପିଟାଲ ସହ ସଂଯୁକ୍ତ ହୋଇ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ମାଧ୍ୟମରେ ନିଯୁକ୍ତି ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରିଛନ୍ତି । ଶ୍ରୀ ସେଠୀଙ୍କ କହିବା ଅନୁଯାୟୀ "ଗରିବ ପିଲାମାନେ ଅର୍ଥ ଅଭାବରୁ ପଢିପାରୁନାହାନ୍ତି, ସେମାନଙ୍କୁ ମାଗଣା ଶିକ୍ଷା ଓ



ଚାକିରି ଦେଇ ନିଜେ ସ୍ୱାଭିମାନୀ ହେବା ସହିତ ଦାଦନମୁକ୍ତ ଓଡ଼ିଶା ଗଠନ ନିମନ୍ତେ ଚାକିରିର ସୁଯୋଗ ସୃଷ୍ଟି କରିବା ତାଙ୍କ ଜୀବନର ଲକ୍ଷ୍ୟ ବୋଲି ସେ କହିଛନ୍ତି । ଆବେଦନର ଶେଷ ତାରିଖ: ୩୦/୧୦/୨୫ ରିଖ ହୋଇଥିବା ବେଳେ ଟ୍ରେନିଂ ଆରମ୍ଭ ହେବାର ସମୟ: ୩/୧୧/୨୫ ରିଖ ସୂଚନାରୁ ପ୍ରକାଶ । ଇଚ୍ଛୁକ କିମ୍ବା ଆଗ୍ରହୀ ଥିଲେ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଏହି ମୋବାଇଲ ନମ୍ବରକୁ ଯୋଗାଯୋଗ: ୯୪୩୮୦୪୭୪୩୬ କରିପାରିବେ । ସମାଜସେବୀ ଶ୍ରୀ ସେଠୀଙ୍କର ଏହି ଉଦ୍ୟମ ଗରିବ ଓ ଆଦିବାସୀ ପିଲାମାନଙ୍କ ଜୀବନରେ ନୂଆ ଆଶା ନିଶ୍ଚିତ ଜାଗ୍ରତ କରିବ ବୋଲି ସେ ବେଶ୍ ଆଶାବାଦୀ ଅଛନ୍ତି ।

## ବନବିଭାଗର ସଚେତନତା କାର୍ଯ୍ୟକ୍ରମ

ନୀଳଗିରି , ୨୪/୧୦ (ନି.ପ୍ର): ନିକଟ ଅତୀତରେ ବିଦ୍ୟୁତ୍ ଆଘାତରେ ଆମ୍ବଝର ଗ୍ରାମନିକଟ ବିଲରେ କୁଳଡିହା ଅଭୟାରଣ୍ୟର ଏକ ଦନ୍ତାହାତୀର ପ୍ରାଣହାନୀ ଘଟିଥିଲା । ଏନେଇ ବନ ବିଭାଗପକ୍ଷରୁ ଅଭୟାରଣ୍ୟର ପାଦଦେଶରେ ଥିବା ଗାଁମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । କୁଳଡିହା ରେଞ୍ଜଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବନ କର୍ମଚାରୀମାନେ ଗାଁକୁ ଗାଁ ବୁଲି ମାଇକପ୍ରଚାର କରିବାସହ ସଭା ମାଧମରେ ଲୋକଙ୍କୁ ସଚେତନ କରୁଛନ୍ତି । ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ଗାଁ ଲୋକଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ରେଞ୍ଜଅଧିକାରୀ ଶ୍ରୀ ବେହେରା ଲୋକଙ୍କୁ ଅବଗତ କରାଇଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଆମ୍ବଝର, ଚାଇଁଦର, ଟିଆକଟା, ତେଣ୍ଡା, ବଡ଼ନାଳ, ନୂଆସାହି, ସିଆଡ଼ିମାଳ,ଢୋଲପୁର, ପଞ୍ଚଲିଙ୍ଗେଶ୍ୱର, ଖରାଖାଇ, ଗୁହାଳିଆ, ମାନଗଡ଼ ପ୍ରଭୃତି ଅଞ୍ଚଳରେ ସଚେତନତା କରାଯାଇଛି ।

# ନୀଳମଣି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ରୂପସା, ୨୪/୧୦ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଯାଇଛି । ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା ଏଥିରେ ଅଧକ୍ଷତା କରି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ଦିଗରେ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ ଓ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ଡ଼. ଅର୍ଦ୍ଧେନ୍ଦୁ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ, କଠିନ ପରିଶ୍ରମ, ନୀରବଚ୍ଛିନ୍ନ ସାଧନା ଓ ସୁବ୍ୟବହାର ବଳରେ ସଫଳତା ମିଳେ ବୋଲି କହିଥିଲେ । ଅଧ୍ୟାପକ ଶାନ୍ତନୁ ଜେନା, ପ୍ରାଧ୍ୟାପିକା କଳ୍ପନାମଞ୍ଜରୀ ପାତ୍ର, ପ୍ରାଧ୍ୟାପକ ସରୋଜ କୁମାର ପାଣି, ଅଧ୍ୟାପକ ଶମ୍ଭୁନାଥ ଗିରି, ଅଧ୍ୟାପକ ସତ୍ୟେନ୍ଦ୍ର ପାଲ ଓ ଅଧ୍ୟାପିକା କାବେରୀ ସାହୁ ପ୍ରମୁଖ ଉତ୍ସବରେ ଯୋଗ ଦେଇ ଉଦ୍ଭିଦ ବିଜ୍ଞାନ ଅଧ୍ୟୟନର ବିଭିନ୍ନ ଦିଗ ଓ ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନର ଛାତ୍ର ଛାତ୍ରୀ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରିଥିଲେ । ଉତ୍ସବ ଶେଷରେ ଡ଼. ଅର୍ଦ୍ଧେନ୍ଦୁ କୁମାର ଦାଶ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସିନେମା ମାଧ୍ୟମରେ ମହିଳା ସଶକ୍ତିକରଣ ସଚେତନତା

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ସିନେମା ହେଉଛି ସମାଜର ପ୍ରତିଛବି । ସିନେମାର କାହାଣୀ ଦର୍ଶକଙ୍କ ଚିନ୍ତାଧାରା ଓ ଭାବନାକୁ ଦୃଢ଼ ଭାବରେ ପ୍ରଭାବିତ କରିଥାଏ । ମହିଳା ସଶକ୍ତିକରଣ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଓ ଓଡିଶା ସଚିବାଳୟ ସଂଘର ସହଯୋଗରେ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ପୁରସ୍କାରପ୍ରାପ୍ତ ମହିଳା ସଶକ୍ତିକରଣ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଲାପତା ଲେଡ଼ିଜ' ପ୍ରଦର୍ଶିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ଅଧିକାରୀବୃନ୍ଦ ଓ ଓଡିଶା ସଚିବାଳୟ ସଂଘର ଅଧକ୍ଷ ଶ୍ରୀ ବିବେକାନନ୍ଦ ସାମଲ ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate Bhadrak, Basudevpur, I, Manteswar Jena, aged about 37 years, S/o- Chaitanya Jena of resident Makhalpur, P.o- Narasinghapur, P.S- Basudevpur, Dist- Bhadrak declare that my name and address in spelling has mentioned in my educational certificate as Manteswar Jena S/o- Chaitanya Jena of At- Makhalpur, P.o- Narasinghpur, P.s- Basudevpur, Dist- Bhadrak, but in my Aadhaar Card bearing No- 7055 5904 6129 my name has enrolled as Mantu Dalai S/o- Chaitanya Dalai of at Makhanpur, P.o- Narasinghapur, P.s.- Basudebpur, Dist- Bhadrak. Both Manteswar Jena S/o- Chaitanya Jena and Mantu Dalei S/o- Chaitanya Daulia is same and one person in our locality.

Manteswar Jena

**WANTED**

Chintamani Sanskrit Degree, Fatepur, Balasore invites applications for the post of (Guest Faculties):-

1. Lect. In English - 01
2. Lect. in Odia - 01
3. Lect in History - 01
4. Lect. in Sarva Darshan - 01

From the eligible retired academicians with the age limit of 61 to 69.

Interested candidates shall apply only thrrough HIMS portal using the online application link on or before 31-10-2025.

**Principal**
**Chintamani Sastri (+3) Sanskrit Degree**
**Fatepur, Balasore**

# ଆଞ୍ଚଳିକ କୃଷକ ମଞ୍ଚର ଜନସଚେତନତା ସଭା

ନୀଳଗିରି , ୨୪/୧୦ (ନି.ପ୍ର): ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ବଉଳଗଡିଆ ବଜାରରେ ଆଞ୍ଚଳିକ କୃଷକମଞ୍ଚ ତରଫରୁ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୯ତାରିଖ ନୀଳଗିରି ତହସିଲଦାରଙ୍କ ଜରିଆରେ କୁଳଡିହଷ ଅଭୟକ୍ଷରଣ୍ୟର ସୀମା ନିରୂପଣକୁ ନେଇ ଅଭିଯୋଗ ଜନଶୁଣାଣି ରହିଥିବା ବେଳେ, ତହସିଲଦାର କେବଳ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଏକ ନୋଟିସ ଲଗାଇଦେବା ଏବଂ ନିଶ୍ଚିନ୍ତରେ ରହିଯିବାକୁ ନେଇ ସନ୍ଦେହ ସୃଷ୍ଟିହେବା ସହିତ ପ୍ରଶାସନର ଏହା ଜନସ୍ୱାର୍ଥ ବିରୋଧୀ ବୋଲି ମଞ୍ଚର ଉପସଭାପତି ଉମାକାନ୍ତ ମଳିକ ମତପ୍ରକାଶ କରିଛନ୍ତି । କୁଳଡିହକ୍ଷ ଅଭୟକ୍ଷରଣ୍ୟ ମଧରେଥିବା ରାଜସ୍ୱ ଗ୍ରାମ, ପ୍ରାଥମିକ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର,ମହାବିଦ୍ୟାଳୟ ଗୁଡ଼ିକୁ ଅଭୟାରଣ୍ୟ ପରିସରରୁ ବାଦଦେଇ ନୂତନଭାବେ ସୀମା ଚିହ୍ନଟ କରାଯିବାକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ପଟ୍ଟନାୟକ ଆହ୍ୱାନ ଦେବାସହିତ ଆଗାମୀ ଜନଶୁଣାଣୀରେ ପ୍ରତ୍ୟେକ ପରିବାରରୁ ସର୍ବନିମ୍ନ ଜଣେ ଲେଖାଏଁ ଉପସ୍ଥିତ ରହି ବିରୋଧ କରିବାକୁ ମତ ରଖିଥିଲେ ପଅନ୍ୟତମ ବରିଷ୍ଠସଦସ୍ୟ ବିଜୟ କୁମାର ସ ଉପସ୍ଥିତ ଥିବାବେଳେ ସମ୍ପାଦକ ନିହାରରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡଳ ସଭାପତିଙ୍କ ହସ୍ତକ୍ଷେପ ପରେ ଛଉ ନୃତ୍ୟ ପାଇଁ ଗୃହ ନିର୍ମାଣର ବାଟ ଫିଟିଲା



ବେତନଟୀ , ୨୪/୧୦ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ପୁରିନ୍ଦା ପଂଚାୟତର ଭୁରକୁଣ୍ଡି ଗ୍ରାମରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ନିର୍ମାଣ ହେବାକୁ ଥିବା ଛଉ ନୃତ୍ୟ ପାଇଁ ଏକ କମ୍ୟୁନିଟି ସେଣ୍ଟରକୁ ବିରୋଧ କରି ଗ୍ରାମବାସୀ ମାନେ ଏକ ଅଭିଯୋଗ ଆଣିଥିଲେ ଓ ଅଭିଯୋଗ ମୁତାବକ ନିର୍ମାଣ ହେବାକୁ ଥିବା ଛଉ ନୃତ୍ୟ ପାଇଁ କମ୍ୟୁନିଟି ସେଣ୍ଟରଟି ଗାଁ ର ଏକ ପାର୍ଶ୍ୱବତି ଜାଗାରେ ରାଜସ୍ୱ ବିଭାଗ ପକ୍ଷରୁ ଚ଼ିହ୍ନଟ ହୋଇଥିବାରୁ ସେଠାରେ ଗ୍ରାମବାସୀ ମାନଙ୍କ ନିମନ୍ତେ ଉପଯୋଗୀ ହୋଇପାରିବ ନାହିଁ ଓ ଏ ନେଇ ସେମାନେ ଉକ୍ତ ଜାଗାରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ବିରୋଧ କରିବା ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ଓ ଖବର ପାଇ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା ହସ୍ତକ୍ଷେପ ପରେ ସ୍ଥାନୀୟ ପ୍ରଶାସନ ସହାୟତାରେ ଭୁରକୁଣ୍ଡି ଗ୍ରାମକୁ ପରିଦର୍ଶନ କରି ଗ୍ରାମବାସୀ ଦାବି କରୁଥିବା ସ୍ଥାନରେ କିପରି କମ୍ୟୁନିଟି ସେଣ୍ଟର ନିର୍ମାଣ ହେବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ । ଉକ୍ତ ସ୍ଥାନଟି ଗ୍ରାମ୍ୟ ଜଙ୍ଗଲ ଅଧୀନରେ ଥିବାରୁ ବେତନଟୀ ରେଞ୍ଜ ଦାୟିତ୍ୱରେ ଥିବା ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ ଉପସ୍ଥିତ ରହି ଏହାର ଖୁବ ଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ଓ ଏହି ବୈଠକରେ ବେତନଟୀ ବିଡ଼ିଓ ଶୁସାନ୍ତ ସୁତାର, ଯୁବ ନେତା ସଂଜୀବ ଜେନା ଓ ଭୁରକୁଣ୍ଡି ଗ୍ରାମର ପ୍ରତାପ ଚନ୍ଦ୍ର ମହାନ୍ତ, ଶିରୀଶ ଚନ୍ଦ୍ର ମହାନ୍ତ, ସନ୍ତୋଷ କୁମାର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ହରମୋହନ ମହାନ୍ତ, ସଞ୍ଜୟ କୁମାର ମହାନ୍ତ, ଗଙ୍ଗାଧର ମହାନ୍ତ, ତ୍ରିନାଥ ମହାନ୍ତ, ଛତିଶ ଚନ୍ଦ୍ର ମହାନ୍ତ, ପ୍ରମୋଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ତାଲିମ କାର୍ଯ୍ୟକ୍ରମ

ବାଲେଶ୍ୱର , ୨୪/୧୦ (ନି.ପ୍ର): ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସଂକ୍ରାନ୍ତରେ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷିତ ଓ ନିରାପଦ ଜୀବନଯାପନ ପାଇଁ ସରକାର ନେଉଥିବା ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି । ତାଲିମ୍ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଈସୁଧାକର ନାଏକଈ ଅଧକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ସାମାଜିକ ବିକାଶ ଅନୁଷ୍ଠାନ (ଆଇ.ଏସ.ଡି) ର ନିର୍ଦ୍ଦେଶକ ଓ ଉପ-ଆରକ୍ଷୀ ଅଧିକ୍ଷକ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା, ଉରକ୍ଷୁଙ୍କଖଚ ୫ଚ ଚାନ୍ଦମଣି ସିଂ, ଆଇ.ସି.ଡିଏସ୍ ଅଧିକାରୀ ସ୍ୱପ୍ନା ପ୍ରହରାଜ, ଡି.ସି.ପି.ଅ. ଖୁସିରାମ ଗେହେର, ସମସ୍ତ ସି.ଡି.ପି.ଅ., ଙ.୫.ଉ. କର୍ମଚାରୀ , ଶକ୍ତି ସଦନ କର୍ମଚାରୀ,ଉଐରଡ ର ସମସ୍ତ



କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତାମାନେ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ,ପ୍ରୋଟେକ୍ସନ ଅଧିକାରୀ ଯୁଥିକା ରାଣୀ ରାୟ ଧନ୍ୟବାଦ ଅର୍ପଣ କରି ତାଲିମ୍ ଶିବିରକୁ ଉଦଯାପିତ କରିଥିଲେ।

## ଅନୈତିକ କାରବାର ଅଭିଯୋଗରେ ହୋଟେଲରୁ ୨ ଯୁବକ ଓ ଝିଅ ୨ ଉଦ୍ଧାର

ବସ୍ତା, ୨୪/୧୦ (ନି.ପ୍ର): ବସ୍ତା ପୁଲିସ ଅଚାନକ ଚଢ଼ାଉ କରି ୬୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ହୋଟେଲରୁ ଅନୈତିକ କାରବାର ଅଭିଯୋଗରେ ଦୁଇ ଯୁବକ ଓ ୨ ଝିଅକୁ ଉଦ୍ଧାର କରିଛି ।ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା ଅନ୍ତର୍ଗତ ଜୁଣବଳଦାର ଏହି ରାଜପଥ ପାର୍ଶ୍ୱ 'ନ୍ୟୁ ବୁଲ ବୁଲ ହୋଟେଲ' ରେ ଅନୈତିକ କାରବାର ହେଉଥିବା ଖବର ପାଇ ଗତକାଲି ପୁଲିସ ଚଢ଼ାଉ କରି ଦୁଇ ଯୁବକ ଓ ଦୁଇ ଯୁବତୀଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ଥିଲା। ପୁଲିସ ଆଜି ଝିଅ ଦୁଇ ଜଣଙ୍କୁ ଲେଖା ଲେଖି କରି ଛାଡି ଦେଇଥିବା ବେଳେ ଯୁବକ ଦୁଇ ଜଣଙ୍କୁ ଗିରଫ ସହ ସେମାନଙ୍କ ନାଁରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ସବୁରି ମୁଖରେ ହସ ଫୁଟାଇବାର ପର୍ବ 'ଦୀପାବଳି': ଜୟନ୍ତୀ ପଟ୍ଟନାୟକ




ଉଦଳା, ୨୪/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳାସ୍ଥିତ ଇନରହୁଇଲ କ୍ଲବ ତରଫରୁ ପବିତ୍ର ଦୀପାବଳୀ ପର୍ବ ପାଳିତ ହୋଇ ଯାଇଛି । ଏହି ଅବସରରେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା କିଛି ମହିଳା ଓ ଛୋଟ ପିଲାଙ୍କୁ କ୍ଲବ ତରଫରୁ ନୂତନ ବସ୍ତ୍ର ଏବଂ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ପରେ ସନ୍ଧ୍ୟାରେ କ୍ଲବର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଦୀପ ଜାଳିବା ସହିତ ଆଲୋଚନା ଚକ୍ରର ଆୟୋଜନ କରିଥିଲେ । କ୍ଲବର ସଭାପତି ଜୟନ୍ତି ପଟନାୟକ ଆଲୋଚନା ଚକ୍ରରେ ଅଧକ୍ଷତା କରି ସବୁରି ମୁଖରେ ହସ ଫୁଟାଇବାର ପର୍ବ ହିଁ ଦୀପାବଳୀ ଅଟେ ବୋଲି ବ୍ୟକ୍ତ କରିଥିଲେ । ମମତା ସାହୁ, ଭଗବାନ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ସାରି ଆଜିର ଦିନରେ ଅଯୋଧ୍ୟାକୁ ଫେରି ଆସିଥିଲେ । ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତାଙ୍କୁ ଦିର୍ଘ ବର୍ଷ ପରେ ପାଖରେ ପାଇ ଅଯୋଧ୍ୟା ବାସୀ ଆନନ୍ଦିତ ହେବା ସହ ଆଜିର ଦିନଟିକୁ ଖୁବ୍ ଧୁମ ଧାମରେ ପାଳନ କରିଥିଲେ । ସମଗ୍ର ଅଯୋଧ୍ୟା ଉତ୍ସବମୁଖର ହୋଇ ଉଠିଥିଲା । ତେବେ ଏହାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଏହିପର୍ବ ସମଗ୍ର ଭାରତବର୍ଷରେ ପାଳନ କରାଯାଉଥିବାର ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦିଗବାଳା, ସୁବାସିନି, ପୁଷ୍ପଲତା, ଅରୁପମା, ଅନ୍ନପୂର୍ଣ୍ଣା , ପ୍ରମୋଦିନି ପ୍ରମୁଖ ଅଂଶ ଗ୍ରହଣ କରି ବର୍ଷ ତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବ ପର୍ବାଣୀ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିବାର କ୍ଷେତ୍ର ପ୍ରସ୍ତୁତ କରିଛି ବୋଲି ନିଜ ନିଜର ବକ୍ତବ୍ୟରେ କହିଥିଲେ । ମୀନାକ୍ଷି ମହାନ୍ତି ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମମତା ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଉତ୍ସବର ଯବନିକା ପକାଇଥିଲେ ।

# ପାଚିକା ଚୟନରେ ଅନିୟମିତତା ଅଭିଯୋଗ: ମହିଳାମାନେ ସ୍କୁଲ ଗେଟ୍‌ରେ ପକାଇଲେ ତାଲା, ପୁନଶ୍ଚ ନିଯୁକ୍ତି ପାଇଁ ବିଜ୍ଞପ୍ତି ଦାବି

ବାଲିଆପାଳ , ୨୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ଥିବା ସୁବର୍ଣ୍ଣରେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ କିଛି ମହିଳା ତାଲା ପକାଇ ଦେଇଥିଲେ। ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ପାଚିକା ପାଇଁ ଆବେଦନ ଫର୍ମ ବାହାରିଥିଲା। ସମୁଦାୟ ୧୦ ଜଣ ମହିଳା ଆବେଦନ କରିଥିଲେ। ଚଞ୍ଚକତା କରି ସେଥିମଧ୍ୟରୁ ଦୁଇଜଣ ସଧବା ମହିଳାଙ୍କୁ ଚୟନ କରାଯାଇଥିବା ବେଳେ ବିଧବା ଓ ଏସି ମହିଳା କେମିତି ବାଦ ପଡିଲେ ବୋଲି ପ୍ରଶ୍ନ କରିଛନ୍ତି ଅନ୍ୟ ଆବେଦନ କାରୀ ରୁବି ରାଣି ମାଣିକ, ଭାଗ୍ୟବତୀ ଜେନା, ମମତା ଗିରି ପ୍ରମୁଖ। ଏହି ଚୟନ ପ୍ରକ୍ରିୟାରେ ବାଲିଆପାଳ ଭାର ପ୍ରାପ୍ତ ଶିକ୍ଷାଧିକାରୀ ଜଗବନ୍ଧୁ



ଜେନା ଅତିରିକ୍ତ ଶିକ୍ଷାଧିକାରୀ ନିମିତାପ୍ରଭା ସାମଲ,ପରିଚାଳନା କମିଟି ଏବଂ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତ ରେ ଚୟନ କରାଯାଇଥିଲା । ମହିଳା ମାନେ ଚୟନ ପ୍ରକ୍ରିୟାରୁ ବାଦ୍ ପଡିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ଜାଣିବା ପାଇଁ ପାଇଥିଲେ ଆବଶ୍ୟକୀୟ କାଗଜ ପତ୍ର ନଥିବାରୁ ଚୟନ ପ୍ରକ୍ରିୟାରୁ ବାଦ୍ ପଡିଛନ୍ତି। ପୁନଶ୍ଚ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ପାଇଁ ମହିଳା ମାନେ ଦାବି କରିବା ସହିତ ଏହି ଚୟନ ପ୍ରକ୍ରିୟାରେ ଚଞ୍ଚକତା କରି ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ କାର ?ୟାନୁଷାନ ଦାବୀ କରିଛନ୍ତି। ଏନେଇ ଗଣମାଧ୍ୟମର ପ୍ରତିନିଧି ମାନେ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ବିଇଓ ଙ୍କ ବିନା ଅନୁମତିରେ କାହିଁକି ସ୍କୁଲ ପରିସରରକୁ ଆସିଛ ବୋଲି ଓଲଟା ପ୍ରଶ୍ନ ପଚାରିଥିଲେ।ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ମହିଳା ମାନେ ତାଲା ଖୋଲିଥିଲେ।

# ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ



ବଡ଼ସାହି, ୨୪/୧୦ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ଭୀମଦା ପଂଚାୟତ ଚେଙ୍ଗୁଆମଙ୍ଗଳପୁର ରୁରାଲ ସ୍ପୋର୍ଟସ କମ୍ପ୍ଲେକ୍ସରେ 'ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନ' ଆନୁକୁଲ୍ୟରେ ୩୦ତମ ବିରାଟ ଆନ୍ତଃରାଜ୍ୟ 'ମହାତ୍ମାଗାନ୍ଧୀ କପ୍ ଫୁଟବଲ ଟୁର୍ଣ୍ଣାମଂଟ' ଆସନ୍ତା ୫ ତାରିଖ ରାହାସ ପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ଚଳଚଂଚଳ ହୋଇ ଉଠିଛି ରୁରାଲ ସ୍ପୋର୍ଟସ କମ୍ପ୍ଲେକ । ଏହି ଖେଳର ସୁପରିଚାଳନା ପାଇଁ ସଭାପତି ପ୍ରତାପ ଚନ୍ଦ୍ର ଗାୟାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜସେବୀ ପ୍ରକାଶ କର ମହାପାତ୍ରଙ୍କ ସହିତ ସଂଗଠନର ସମସ୍ତ କର୍ମକର୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେବା ସହିତ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି । ୮ଟି ବଛାବଛା ଫୁଟବଲ ଟିମ ଚୟନ ସହିତ, ଅତିଥିଙ୍କୁ ନିମନ୍ତ୍ରଣ, ରେଫରି, ଲାଇନ୍ସମ୍ୟାନ, ଲାଇଟ, ସାଉଣ୍ଡ, ଫେଟ୍, ପଡିଆ ସଫେଇ ଠାରୁ ଆରମ୍ଭ କରି ବ୍ୟାରିକେଡ ଆଦି କାର୍ଯ୍ୟର ସୁପରିଚାଳନା ପାଇଁ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଦାୟିତ୍ୱ ବଂଟନ କରାଯାଇଥିଲା । ଆଗାମୀ ୨୬ ତାରିଖ ଅନ୍ୟ ଏକ ବୈଠକରେ ରହିଯାଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ବେଟି ବଚାଓ ବେଟି ପଢ଼ାଓ କାର୍ଯକ୍ରମ ଅନୁଷ୍ଠିତ



ଖୋର୍ଦ୍ଧା , ୨୪/୧୦ (ନି.ପ୍ର): ଖୋର୍ଦ୍ଧା ସଦର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନ ମହିଳା ଓ କିଶୋରୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମିତ୍ତ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କର ବିଭିନ୍ନ ମହିଳା ସଶକ୍ତି କରଣ କାର୍ଯ୍ୟ କ୍ରମରେ ସାମିଲ କରିବା ନିମନ୍ତେ ସାମାଜିକ, ଅର୍ଥ ନୈତିକ ଓ ରାଜନୈତିକ ଭାଗିଦାରୀ ଓ ଉନ୍ନତି ନିମନ୍ତେ କର୍ମଶାଳା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଅଛି । କାର୍ଯକ୍ରମରେ କାର୍ଯ୍ୟକ୍ରମ ପରିଚାଳିକା ଖୋର୍ଦ୍ଧା ସୌଦାମିନୀ ଦାସ, ଜିଲ୍ଲା ସଂଯୋଜିକା, ମହିଳା ସଶକ୍ତି କରଣ,ସମିତା ମହାନ୍ତି, ଅଗ୍ରଣୀ ବାଙ୍କ ପରିଚାଳକ ଅଜୟ କୁମାର ବେହେରା, ଡେପୁଟି ଚିଫ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପ୍ରଫୁଲ୍ଲ ଜେନା , ଆର୍ଥିକ ସାକ୍ଷରତା ସଂଯୋଜକ, ବିକାଶ ମହାନ୍ତି ପ୍ରମୁଖ ଯୋଗ ଦାନ କରିଥିଲେ। ଜିଲାସ୍ତର ରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅଧିକାର, ସାମାଜିକ ଓ ରାଜନୈତିକ ଅଧିକାର ବିଷୟରେ ଏହି କାର୍ଯକ୍ରମ ଜାରି ରହିଥିବା ବେଳେ ବ୍ୟାଙ୍କ୍ ର ବିଭିନ୍ନ ସ୍କିମ, ଓ ବୀମା ବିଷୟ ରେ ଆଲୋଚନା ହୋଇଥିଲା ।ଏହି କାର୍ଯ୍ୟ କ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଡେପୁଟି ଚିଫ୍ ଆର୍ଥିକ ସାକ୍ଷରତା କହିଲେ କଣ ବୁଝାଯାଏ ଏବଂ ମହିଳା ମାନେ କିପରି ନିଜକୁ ଏଥିରେ ସାମିଲ କରି ଆଗକୁ ଆଗକୁ ବଢ଼ିବେ ସେ ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିବା ସହ ରୋଜଗାର,ଖର୍ଚ୍ଚ,ସଞ୍ଚୟ ଉପରେ ମହିଳା ମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ବୁଝାଇ ଥିଲେ। ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବ୍ୟାଙ୍କ୍ର ସମସ୍ତ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବିମା ଯୋଜନା,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁକନ୍ୟା ଯୋଜନା ଆଦି ବିଷୟରେ ଆଲୋଚନା କରିଥିଲେ। ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ, ଅଙ୍ଗନୱାଡ଼ି କର୍ମୀ, ଆଶା ଓ ଉପସ୍ଥିତ କିଶୋରୀ ବାଳିକା ମାନେ ନିଜ ନିଜ ର ଅନୁଭୂତି ସୁନ୍ଦର ଭାବରେ ଉପସ୍ଥାପନ କରି ଉପୁଜୁଥିବା ସମସ୍ୟା ଓ ନିରାକରଣ ସମ୍ପର୍କରେ ଅତିଥି ମାନଙ୍କୁ ପଚାରି ବୁଝିଥିଲେ।

## କ୍ରୀଡାମନ୍ତ୍ରୀଙ୍କୁ ଭେଟିଲେ ଅମିତ ଓ ଲିଳିମା

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ଦିନ ଏସିଆ କପ ବିଜେତା ଅମିତ ରୋହିଦାସ ଓ ଅଲିମ୍ପିଆନ ଲିଳିମା ମିଞ୍ଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।
ଏସମ୍ପର୍କରେ ସୂଚନା ଦେଇ କ୍ରୀଡାମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଏସିଆ କପ ବିଜେତା ଅମିତ ରୋହିଦାସ ଓ ଅଲିମ୍ପିଆନ ଲିଳିମା ମିଞ୍ଜଙ୍କ ସହିତ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଛି । ଓଡ଼ିଶାର ଏହି ଦୁଇ ଖେଳାଳି ଦେଶ ପାଇଁ ଅନେକ ସ୍ୱନାମ ଅର୍ଜନ କରିଛନ୍ତି ଏବଂ ଯୁବ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ସାଜିଛନ୍ତି । କ୍ରୀଡ଼ା ତଥା ବ୍ୟକ୍ତିଗତ ଜୀବନର ଭବିଷ୍ୟତ ପାଇଁ ସେମାନଙ୍କୁ ଢ଼େର ଶୁଭେଚ୍ଛା ।

# ପ୍ରସିଦ୍ଧ ଭଦ୍ରକ କାଳୀପୂଜାରେ ଏବିଭିପି, ଭଦ୍ରକ ଜିଲ୍ଲା ପକ୍ଷରୁ ସେବା ଓ ସୂଚନା କେନ୍ଦ୍ର




ଭଦ୍ରକ , ୨୪/୧୦ (ନି.ପ୍ର): ଓଡ଼ିଶାର ସାଂସ୍କୃତିକ ରାଜଧାନୀ ଭଦ୍ରକରେ ଅନୁଷ୍ଠିତ ଐତିହାସିକ କାଳୀପୂଜା ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ଏବିଭିପି, ଭଦ୍ରକ ଜିଲ୍ଲା ପକ୍ଷରୁ ଉଦଘାଟିତ ହୋଇଯାଇଛି 'ସେବା ଓ ସୂଚନା କେନ୍ଦ୍ର'। ଏହି ସୂଚନା କେନ୍ଦ୍ର ମାଧ୍ୟମରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରାଥମିକ ଚିକିତ୍ସା, ଶୁଦ୍ଧ ପାନୀୟ ଜଳ, କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା, ଡ଼ାକବାଜି ଯନ୍ତ୍ର ଦ୍ୱାରା ନିରୁଦ୍ଧିଷ୍ଟ ବ୍ୟକ୍ତିଙ୍କ ପାଇଁ ପ୍ରଚାର, ଦହି ପାଣି ବଣ୍ଟନ ଆଦି କରାଯାଉଛି। ଉଦଘାଟନ ଦିବସରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ କାର୍ତ୍ତିକ ମଣ୍ଡଳ, ଅତିରିକ୍ତ ଜିଲ୍ଲା ଅଧିକ୍ଷକ ଶ୍ରୀଯୁକ୍ତ ଅରୂପ ଅଭିଷେକ ବେହେରା ଓ ଶ୍ରୀଯୁକ୍ତ ସମ୍ବିତ ମାଝୀ, ସନାତନ ଧର୍ମର ପ୍ରଚାରକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଏବିଭିପି ବାଲେଶ୍ୱର ବିଭାଗ ପ୍ରମୁଖ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବେହେରା, ବିଭାଗ ସଙ୍ଗଠନ ମନ୍ତ୍ରୀ ଶ୍ରୀମାନ ସମ୍ବିତ ପ୍ରସାଦ ରାଉତ, ଶ୍ରୀରାମ ମହାଯଜ୍ଞ ସମିତି ଭଦ୍ରକର ପ୍ରତିଷ୍ଠାତା ସଦସ୍ୟ କୋଷାଧକ୍ଷ ଶ୍ରୀଯୁକ୍ତ ନିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତିଙ୍କ ସମେତ ଜିଲ୍ଲା, ବିଭାଗ ଓ ପ୍ରାନ୍ତ ସ୍ତରୀୟ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ୯ ଦିନ ବ୍ୟାପୀ ଏହି ସେବା କାର୍ଯ୍ୟ ଏବିଭିପି ୧୯୭୨ ମସିହାରୁ ଜାରି ରଖିଛି।

## ନୟନ ଯୋଡିକୁ ଓଲଟିଲା ଗ୍ୟାସ ବୋଝେଇ ଟ୍ୟାଙ୍କ

ବସ୍ତା, ୨୪/୧୦ (ନି.ପ୍ର): ଷାଠିଏ ନଂ ଜାତୀୟ ରାଜ ପଥ ବାହାର୍ଦ୍ଦାପଞ୍ଚାୟତ ପୁନସିଡା ନିକଟ ରାଜ ପଥରେ ଭାରସାମ୍ୟ ହରାଇ ନୟନ ଯୋଡିକୁ ଓଲଟିଲା ଗ୍ୟାସ ବୋଝେଇ ଟ୍ୟାଙ୍କ । ଆଜି ଜଳେଶ୍ୱରରୁ ବାଲେଶ୍ୱର ଅଭିମୂଖେ ଆସୁଥିବା ଟ୍ୟାଙ୍କ ହଠାତଗୋଟିଏ ଲାଇନ ଅତିକ୍ରମକରି ଡାଇଭେଡର ଡେଇ ଅନ୍ୟ ପଟ ରାସ୍ତାର ପାର୍ଶ୍ୱରେଥିବା ନୟନ ଯୋଡି କୁ ଓଲଟି ପଡିଥିଲା । ଡ୍ରାଇଭର ଓ ହେଲପର ସୁରକ୍ଷିତ ଅଛନ୍ତି । ଘଟଣା ସଳରେ ବସ୍ତା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ସଚେତନତା କାର୍ଯ୍ୟକ୍ରମରେ ସରକାରୀ ସହଯୋଗ ପାଇଁ 'ମନା', ବାଲେଶ୍ୱରର ନିବେଦନ

ବାଲେଶ୍ୱର, ୨୪/୧୦ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ' (ମନା), ବାଲେଶ୍ୱରର ସ୍ୱତନ୍ତ୍ର ବୈଠକ ଅପରାହ୍ନ ଘ.୪.୩୦ମି. ସମୟରେ ନିଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ



ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ସହଯୋଗ କରିବା ନିମନ୍ତେ 'ମନା' ତରଫରୁ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଉକ୍ତ ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ସଂପାଦିକା ଗୀତାଞ୍ଜଳି ସିଂହ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଡ. ଦୟାନିଧି ମହାପାତ୍ର, ନିରଞ୍ଜନ ରାଉତ, ବେଣୁଧର ସାହୁ, ରମେଶ ଚନ୍ଦ୍ର ଜେନା, ଶଚୀନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, ଭାସ୍କର ମିଶ୍ର, ସୀତାରାମ ପ୍ରଧାନ, ସଞ୍ଜୟ କୁମାର ପଣ୍ଡା (ଖ) ଓ ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୀବନ ସଂଗ୍ରାମ ଦାସ ଧନ୍ୟବାଦ ଦେଇଥିଲେ।

# ଘରେ ନଥିବାର ସୁଯୋଗନେଇ ସର୍ବସ୍ୱ ଲୁଟିନେଲେ ଲୁଟେରା

ନୀଳଗିରି , ୨୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ପୋଡ଼ାଶୁଳ ଅଞ୍ଚଳର ଗୋଟିଏ ଘରୁ ଲୁଟ ହୋଇଥିବା ଜଣାପଡିଛି। ଗତକାଲି ସନ୍ଧ୍ୟାରେ ଘରେ କେହିନଥିବା ବେଳେ ଘରୁ ସର୍ବସ୍ୱ ଲୁଟିନେଇଛନ୍ତି ଦୁର୍ବୃତ୍ତ। ସୂଚନା ଅନୁଯାୟୀ ପୋଡାଶୁଳ ଗ୍ରାମର ଉଲ୍ଲାସ ନାୟକ ଏବଂ ତାଙ୍କ ସ୍ତ୍ରୀ ପାଖ ବଡ଼ବିଲ ଗାଁକୁ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ।କିଛି ସମୟ ପରେ ଆସିବାବେଳକୁ ଘରେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ।ଘରେ ଥିବା ଆଲମୀରା ଭାଙ୍ଗି ସୁନାଗହଣା ଓ ନଗଦ ୪୦ହଜାର ଟଙ୍କା ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। କାଳୀପୂଜା ଉପଲକ୍ଷେ ମେଳା ପଡ଼ିଥିବାର ସୁଯୋଗନେଇ ଦୁର୍ବୃତ୍ତ ଘରବାଡ଼ି ପଛପଟେ ଆସି ଏଭଳି ଲୁଟ କରିଥିବା ଅନୁମାନ କରାଯାଉଛି। ତେବେ ଆଜି ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତନାଘନା କରୁଥିବା ବେଳେ ଅଞ୍ଚଳରେ ଗୋଟିଏ ବର୍ଷରେ ୪ରୁ ଅଧିକଘର ଓ ଦୁଇଟି ମନ୍ଦିର ଲୁଟ ହେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ କକୁଆ ଭୟ ସୃଷ୍ଟି ହୋଇଛି।

# ବାଲେଶ୍ୱରୀ ଜଉକଣ୍ଢେଇ ଜାତୀୟ କଳା ଉତ୍ସବ ପାଇଁ ମନୋନୀତ

## ଟାଉନ ହାଇସ୍କୁଲର ଛାତ୍ର ଦ୍ୱୟ ସମୀର ବେହେରା ଓ ସୁରଜ ବେହେରା ଜାତୀୟ କଳା ଉତ୍ସବକୁ ମନୋନୀତ

ବାଲେଶ୍ୱର, ୨୪/୧୦ (ନି.ପ୍ର): ଭୁବନେଶ୍ୱରର ୟୁନିଟ ୬ ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ଭାରତ ସରକାର ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବ ୨୦୨୫ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ୫ଟି ଜୋନରୁ ୧୨ଟି ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ସଦର ବାଲେଶ୍ୱରର ଟାଉନ୍ ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ର ଦ୍ୱୟ ସମୀର ବେହେରା ଓ ସୁରଜ ବେହେରା ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଦୃଶ୍ୟକୁ ଜଉକଣ୍ଢେଇରେ ତିଆରି କରି ଇଣ୍ଡିଜିନିୟସ ଟୟଜ୍ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଆସନ୍ତା ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ସ୍ତରୀୟ କଳା ଉତ୍ସବରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ଉତ୍ତର ଓଡ଼ିଶା ଜୋନାଲ ସ୍ତରୀୟ ଉତ୍ତୀର୍ଣ୍ଣ କରି ରାଜ୍ୟରେ ପ୍ରଥମ ହୋଇ ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଇଣ୍ଡିଜିନିୟସ ଟୟଜ୍ ଜଉକଣ୍ଢେଇ ରେ ଓଡ଼ିଶାରୁ ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱରର କଳା ସଂସ୍କୃତିକୁ ଉଚ୍ଚ ସ୍ଥାନକୁ ନେଇ ବାଲେଶ୍ୱରକୁ ଗୌରବାନ୍ୱିତ କରିଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଛି। ଜଉକଣ୍ଢେଇ କଳା ସଂସ୍କୃତି ର ଅଗ୍ରଦୂତ ଶିଳ୍ପୀ କେଶୁଦାସ, ଗାଇଡ ଟିଚର ସସ୍ମିତା ଗିରି, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତା ପ୍ରମୁଖ ବହୁ ପ୍ରଶଂସା କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida